ଧରିତ୍ରୀ
DHARITRI
October 22-28, 2023 ₹ 2/-

# ଛୁଟିଦିନ



## ନାରୀ ଶକ୍ତି

୩
ପ୍ରଚ୍ଛଦ ପ୍ରସଙ୍ଗ

ନାରୀ ସୁକୁମାରୀ, କୋମଳା, ଦୁର୍ବଳା ନୁହେଁ; ସେ ସାହସ ଓ ଶକ୍ତିର ପ୍ରତୀକ, ଯାହାକୁ ପ୍ରମାଣିତ କରି ଦେଖେଇଛନ୍ତି ଏଇ ଦୃଢ଼ମନା ନାରୀମାନେ...

# ଘରେ କେଉଁଠି ରଖିବେ ମା' ଦୁର୍ଗାଙ୍କ ମୂର୍ତ୍ତି

**ଦଶହରା ସମୟରେ ମା' ଦୁର୍ଗାଙ୍କର ଖୁବ୍ ସୁନ୍ଦର ସୁନ୍ଦର ମୂର୍ତ୍ତି ବିଭିନ୍ନ ପୂଜାମଣ୍ଡପରେ ଦେଖିବାକୁ ମିଳେ। ହେଲେ ଏମିତି ବି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ଘରେ ମା' ଦୁର୍ଗାଙ୍କର ମୂର୍ତ୍ତି ରଖି ପୂଜାର୍ଚ୍ଚନା କରିଥାନ୍ତି। ତେବେ ଘରେ ମା'ଙ୍କର ମୂର୍ତ୍ତି ରଖିବାକୁ ନେଇ କିଛିଟା ବାସ୍ତୁ ନିୟମ ରହିଛି, ଯେମିତିକି...**

* ବାସ୍ତୁଶାସ୍ତ୍ର ଅନୁଯାୟୀ, ଘର ପାଇଁ ମାଟି କିମ୍ବା ମାର୍ବଲରେ ତିଆରି ଛୋଟ ସାଇଜ୍‌ର ଦୁର୍ଗା ମୂର୍ତ୍ତି ରଖିବା ଶୁଭ ହୋଇଥାଏ।
* ମା'ଙ୍କର ଏହି ମୂର୍ତ୍ତିକୁ ଘରର ଉତ୍ତର-ପୂର୍ବ ଦିଗରେ ରଖିବା



ସବୁଠୁ ଉତ୍ତମ ହୋଇଥାଏ। ଯଦି ଏହି ଦିଗରେ ରଖିବା ସମ୍ଭବ ହେଉ ନାହିଁ, ତା'ହେଲେ ପୂର୍ବ, ପଶ୍ଚିମ ଓ ଉତ୍ତର ଦିଗରେ ରଖିପାରିବେ। ହେଲେ ଭୁଲ୍‌ରେ ବି ମା'ଙ୍କର ପ୍ରତୀମାକୁ ଘରର ଦକ୍ଷିଣ ଦିଗରେ ରଖିବେ ନାହିଁ। ଏହାଦ୍ୱାରା ଘରକୁ ବିପଦ ମାଡି ଆସିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।
* ଶୟନ କକ୍ଷ ଓ ରୋଷେଇ ଘରେ ମା'ଙ୍କର ମୂର୍ତ୍ତି ରଖିବା ଆଦୌ ଠିକ୍ ନୁହେଁ।
* ମା'ଙ୍କ ମୂର୍ତ୍ତିକୁ ଘରେ ଟିକେ ଉଚ୍ଚ ଆସନରେ କିମ୍ବା ଥାକରେ ରଖିବା ଦରକାର। କାରଣ ମା' ସବୁ ସାଂସାରିକ ସମସ୍ୟାରୁ ଉର୍ଦ୍ଧ୍ୱରେ ରହି ନିଜ ଭକ୍ତଗଣଙ୍କୁ ଶାନ୍ତି ଓ ସମୃଦ୍ଧି ପ୍ରଦାନ କରିଥାନ୍ତି।
* ମା'ଙ୍କ ଆସ୍ଥାନକୁ ସର୍ବଦା ପରିଷ୍କାର,ପରିଚ୍ଛନ୍ନ ରଖିବା ସହ ନିୟମିତ ମା'ଙ୍କ ପାଖରେ ଦୀପ ଜାଳିବା ଦରକାର। ତା'ସହିତ ମା'ଙ୍କୁ ପ୍ରତିଦିନ ନାଲି ରଙ୍ଗର ଫୁଲ, ସିନ୍ଦୁର ଓ ମିଠା ଅର୍ପଣ କଲେ ଆଶୀର୍ବାଦ ମିଳେ। କାରଣ ନାଲି ରଙ୍ଗକୁ ଶକ୍ତି ଓ ଉର୍ଜ୍ଜାର ପ୍ରତୀକ ବୋଲି କୁହାଯାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଅକ୍ଟୋବର ୨୨-୨୮**

### ମେଷ



ଉଚ୍ଚସମ୍ମାନ ପାଇବେ, କର୍ମକ୍ଷେତ୍ରରେ ଉନ୍ନତି, ବନ୍ଧୁଙ୍କ ପରାମର୍ଶ, ଶତ୍ରୁତାର ଅବସାନ, ଦୂରଯାତ୍ରାର ଯୋଜନା, ଲେଖାପଢ଼ାରେ ମନଯୋଗ, ଗୁରୁଦାୟିତ୍ୱ ନେବେ, ବିବାଦ ଘେରରେ ପଡିପାରନ୍ତି, କରଜ କରିବାକୁ ପଡିପାରେ, ମାନସିକ ସ୍ଥିତି ବିଗିଡିବ ॥

### ବୃଷ


କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ଫାଇଲ୍ କାମ ବୃଦ୍ଧି, ସଫଳତାରେ ଆନନ୍ଦ, ପାରିବାରିକ କଳହ, ବନ୍ଧୁ କଥାରେ ପ୍ରଭାବିତ, ଭୁଲ କାମ କରିପାରନ୍ତି, ସାମାଜିକ ସ୍ତରରେ ସମ୍ମାନ, ବନ୍ଧୁ ଗୃହକୁ ଯାତ୍ରା, ମିତ୍ରତା ବନ୍ଧନରେ ଆବଦ୍ଧ, ବିଶୃଙ୍ଖଳିତ କାର୍ଯ୍ୟ, ସମସ୍ୟାର ସମାଧାନ ॥

### ମିଥୁନ



ପାରିବାରିକ କଳହ, ବନ୍ଧୁଙ୍କ ଭୁଲ୍ ବୁଝାମଣା, ସମସ୍ୟା ବଢିପାରେ, ସନ୍ତାନଙ୍କ କୃତିତ୍ୱ, ସ୍ୱାସ୍ଥ୍ୟରେ ଉନ୍ନତି, ସତ୍‌ସଙ୍ଗର ସୁଯୋଗ, ସ୍ତ୍ରୀଙ୍କ ପରାମର୍ଶ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ହଇରାଣରେ ପଡିପାରନ୍ତି ॥

### କର୍କଟ


ମନ ଭାରାକ୍ରାନ୍ତ ରହିବ, ବନ୍ଧୁଙ୍କ ସ୍ୱାର୍ଥବାଦୀତା, ଦ୍ରବ୍ୟନଷ୍ଟରୁ କ୍ଷୋଭ, ଅସଂଯତ କାର୍ଯ୍ୟକଳାପ, ରଚନାତ୍ମକ କାମରୁ ପ୍ରଶଂସା, ଧର୍ମଚର୍ଚ୍ଚା ଦିଗକୁ ମନ, ଆର୍ଥିକ ସ୍ୱଚ୍ଛଳତା, ପ୍ରିୟବନ୍ଧୁଙ୍କ ସାନ୍ନିଧ୍ୟ, ଇଚ୍ଛା ବିରୁଦ୍ଧ କାମ ॥

### ସିଂହ


କାର୍ଯ୍ୟ ଦକ୍ଷତା, ସହକର୍ମୀଙ୍କ ସହଯୋଗ, ପ୍ରତୀକ୍ଷିତ ଖବରପ୍ରାପ୍ତି, ସଙ୍କୁଚିତ ବ୍ୟବସାୟ, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ଉଚ୍ଚଶିକ୍ଷା ପ୍ରତି ଆଗ୍ରହ, ଭ୍ରମଣ ହେତୁକ କ୍ଲାନ୍ତି, ବିଚଳିତବୋଧ କରିବେ ॥

### କନ୍ୟା



ଅହେତୁକ ଚିନ୍ତା, ମନ ଆନ୍ଦୋଳିତ ରହିବ, ବନ୍ଧୁ ଭୁଲ୍ ବୁଝିବେ, ଅଧାପନ୍ତରିଆ କାମ, ବ୍ୟୟବୃଦ୍ଧିରୁ ଅନୁତାପ, ବନ୍ଧୁଙ୍କ ବିଶ୍ୱାସ ଘାତକତା, ନୂତନ କର୍ମାରମ୍ଭ, ମାମୁଲି ଘଟଣାରେ ଉଚ୍ଚବାଚ, ବିବାଦୀୟ ପରିସ୍ଥିତିର ଦୃଢପଦକ୍ଷେପ ନେବେ,ସମସ୍ୟା ସମାଧାନ ॥

### ତୁଳା


ସ୍ୱାସ୍ଥ୍ୟ ସମସ୍ୟା, ଅର୍ଥସଂକଟ, ପଡୋଶୀଙ୍କ ବିରୁଦ୍ଧାଚରଣ, ବନ୍ଧୁମିଳନ, ଖୁସିର ଆସରଜମିବ, ଆତ୍ମୀୟଙ୍କ ଅନୁରକ୍ତି, ଆଶା ଅନୁରୂପ ଫଳ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, ନୂତନବନ୍ଧୁ ସମ୍ପର୍କ, ବାଣିଜ୍ୟରେ ଅଭିବୃଦ୍ଧି ॥

### ବିଛା



ନୂତନ କାମର ପରିକଳ୍ପନା, ଅଂଶୀଦାରଙ୍କ ପରାମର୍ଶ, ସ୍ଥଗିତ କର୍ମାରମ୍ଭ, ସ୍ତ୍ରୀଙ୍କ ପ୍ରେରଣା, ଶୁଭଖବର ପାଇବେ, ପୁରାଣ ପଠନରେ ରୁଚି, ଧର୍ମକାର୍ଯ୍ୟ ପ୍ରତି ଆଗ୍ରହ, ଲୋକସମ୍ପର୍କ ବଢ଼ିବ, ଋଣଗ୍ରସ୍ତ ହୋଇପାରନ୍ତି ॥

### ଧନୁ


କର୍ମକ୍ଷେତ୍ରରେ ବିବାଦ, ସହକର୍ମୀଙ୍କ ଅପପ୍ରଚାର, ନିଜ ଲୋକଙ୍କ ବିଶ୍ୱାସଘାତକତା, ନିର୍ମାଣାଧୀନ କାର୍ଯ୍ୟରେ ଦ୍ୱନ୍ଦ୍ୱ, ପରିବହନରେ ସମସ୍ୟା, ବୁଝାମଣାରେ ଉନ୍ନତି, ପ୍ରଶଂସା ବଦଳରେ ଅଭିଯୋଗ, ଯାତ୍ରା ସ୍ଥଗିତ ରହିବ ॥

### ମକର


ଅପ୍ରିୟ ସତ୍ୟରୁ ବିବାଦ, ଠକାମିରେ ପଡିପାରନ୍ତି, ପାରିବାରିକ ଦ୍ୱନ୍ଦ୍ୱ, ପରୋପକାରରୁ ପ୍ରଶଂସା, ସ୍ନାୟବିକ ଦୁର୍ବଳତା, ଅର୍ଥ ସାହାଯ୍ୟ ପାଇବେ, ମାଙ୍ଗଳିକ କାର୍ଯ୍ୟାରମ୍ଭର ଆଲୋଚନା, ମୂଲ୍ୟବାନ ଦ୍ରବ୍ୟ କ୍ରୟ, ନୂତନ ଗୃହାରମ୍ଭ, ସମ୍ପର୍କରେ ନ୍ୟୁନତା ॥

### କୁମ୍ଭ


ବିବାଦଗ୍ରସ୍ତ ହେବେ, ବିଶ୍ୱାସ କରି ହଇରାଣ, ପରିସ୍ଥିତିର ମୁକାବିଲା, ପାରିବାରିକ ସମର୍ଥ, ବିଭିନ୍ନ ସୂତ୍ରରୁ ରୋଜଗାର, ଭୁଲ୍ ଖବରରୁ ବିବ୍ରତ, ଭ୍ରମଣହେତୁକ କ୍ଲାନ୍ତି, ମାନସିକ ଅବସାଦ, ଘଟଣାର ଦିଗ ବଦଳିବ, ଚାକିରିରେ ସମ୍ମାନ, ପଦମର୍ଯ୍ୟାଦା ବୃଦ୍ଧି ॥

### ମୀନ


ଏକାଧିକ କାମରୁ ବ୍ୟସ୍ତତା, ଯାତ୍ରାରେ ଅଭିଳଷିତ ଫଳ, ଆମୋଦ ପ୍ରମୋଦର ମଉକା, ଆନୁଷ୍ଠାନିକ କ୍ଷେତ୍ରରେ ଦକ୍ଷତା, ପଦମର୍ଯ୍ୟାଦା ବୃଦ୍ଧି, ଅର୍ଥପ୍ରାପ୍ତି ହେବ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ସମ୍ପର୍କ ଯୋଡି ହୋଇଯିବ, ଚାପର ସମ୍ମୁଖୀନ ହୋଇପାରନ୍ତି ॥

# ଶାନ୍ତି ପାଇବାକୁ ହେଲେ...

**ଜୀ**ବନରେ ଶାନ୍ତି ପାଇବାକୁ ସମସ୍ତଙ୍କର ଇଚ୍ଛା ଥାଏ। ହେଲେ ବେଳେବେଳେ ଛୋଟମୋଟ ଭୁଲ୍ ଯୋଗୁ ଘରେ ଅଶାନ୍ତି ଲାଗିରହେ ଆଉ ସୁଖସମୃଦ୍ଧିରେ ବାଧା ସୃଷ୍ଟି ହୁଏ। ଯେମିତିକି: * ଶୋଇକି ଉଠିବା ପରେ ଅସଜଡ଼ା ଶେଯକୁ ନ ସଜାଡ଼ିଲେ, ଘରେ ଶନି ଦେବତାଙ୍କର କୁ-ଦୃଷ୍ଟି ପଡି ସୁଖଶାନ୍ତିରେ ବାଧା ସୃଷ୍ଟି ହୋଇଥାଏ। * କୁହାଯାଏ, ଖାଇଲାବେଳେ ଖାଦ୍ୟ ଥାଳିରେ ଯେଉଁ ଲୁଣ ଦିଆଯାଇଥାଏ, ତାହାକୁ ତଳେ ପକାଇଲେ କିମ୍ବା ହାତରେ ଲାଗିଥିବା ଲୁଣକୁ ଲୁଗାରେ ପୋଛିଲେ ବି ଘରେ ଅଶାନ୍ତି ଲାଗି ରହିବା ସହିତ କରଜ ବଢିଥାଏ। ତେଣୁ ଏହି ଲୁଣକୁ ତଳେ ନ ଫୋପାଡି ବରଂ ପାଣିରେ ଧୋଇଦେବେ। * ସେହିପରି ଘରେ ବ୍ୟବହୃତ ହେଉଥିବା ପାଣି ଟ୍ୟାପ୍‌କୁ ବନ୍ଦ କରିବା ସତ୍ତ୍ୱେ ଯଦି ସେଥିରୁ ପାଣି ଝରୁଥାଏ, ତା'ହେଲେ ବି ଘରେ ଅଭାବ ଅନଟନ ଦେଖାଯିବା ସହ ଅମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ତେଣୁ ପାଣି ଲିକ୍ କରୁଥିବା ଏହି ଟ୍ୟାପ୍‌କୁ ତୁରନ୍ତ ଠିକ୍ କରିଦେବା ଦରକାର। * ଠାକୁର ପୂଜା କରିବା ସମୟରେ ସକାଳେ ହେଉ ଅବା ସନ୍ଧ୍ୟାରେ ଥରୁଟିଏ ହେଉ ନା କାହିଁକି ଠାକୁରଙ୍କ ପାଖେ ଝୁଣା ଧୂପ କିମ୍ବା କର୍ପୁର ଆଳତି କଲେ ପ୍ରଭୂକୃପା ମିଳିବା ସହିତ ଘରେ ସୁଖସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ଜ୍ୟୋର୍ତିବଦ୍‌ମାନେ ମତ ଦେଇଥାନ୍ତି। * ଅନ୍ୟପକ୍ଷେ ଶ୍ରୀଯନ୍ତ୍ର କିମ୍ବା ନାଲି କପଡ଼ାରେ ଗୁଡ଼ା ହୋଇଥିବା ନଡିଆକୁ ଠାକୁରଘରେ ପୂଜା ପାଉଥିବା ମା' ଲକ୍ଷ୍ମୀଙ୍କ ପାଖରେ ରଖିଲେ ମା'ଙ୍କର କରୁଣା ପ୍ରାପ୍ତ ହୋଇ ଘରେ ସୁଖଶାନ୍ତି ବଢିଥାଏ ବୋଲି ବିଶ୍ୱାସ ରହିଛି।



# ପାଠକୀୟ

* ଖୁସିରେ ମାଟି କଣ୍ଢେଇ ଗଢିବାକୁ ଭଲ ପାଉଥିଲେ। କିନ୍ତୁ ଆଜି ସେହି ମାଟି କଣ୍ଢେଇ ଏମାନଙ୍କର ପରିଚୟ ପାଲଟିଛି। ତେଣୁ ଏଭଳି ଏକ ପ୍ରେରଣାଦାୟୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ମାଟି ଦେଇଛି ପରିଚୟ' ଏକ ନିଆରା ଆଲେଖ୍ୟ ଥିଲା। 'ଉପକାରୀ କାମଧେନୁ ଗାଈ ମୂର୍ତ୍ତି', 'ଭାଗ୍ୟ ବଦଳାଇବ ଫୁଲ' ଆଦି ପାଠରୁ ବହୁ ଉପାଦେୟ କଥା ଜାଣିହେଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ଡୋରି ଡିଜାଇନ୍ ବ୍ଲାଉଜ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

*- ଅବ୍‌ଦୁଲ୍ କଲିମ୍, ସତ୍ୟନଗର, ଭୁବନେଶ୍ୱର*

* କୁହାଯାଏ, ମାଟି ହିଁ ପିଲାମାନଙ୍କ ପ୍ରଥମ ସୃଜନଶୀଳତାର ମୁକ ସାକ୍ଷୀ। ଆଉ ଏହି ମାଟିର କଳା କାରିଗରୀ ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଭିନ୍ନ ପରିଚୟ ବି ଦେଇଥାଏ। ତେଣୁ ସେମିତି କେତେଜଣ ମାଟି କାରିଗରଙ୍କୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ମାଟି ଦେଇଛି ପରିଚୟ' ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଘଣ୍ଟା' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା। ଏଥରର ସିନେମା ପୃଷ୍ଠାଟି ବି ନିଆରା ଲାଗୁଥିଲା।

*- ଯୋଗେଶ ଦାସ, ସେକ୍ଟର ୧, ରାଉରକେଲା*

* କବି ତଥା ଶିକ୍ଷାବିତ୍ ଆଲୋକ କୁମାର ପ୍ରଧାନଙ୍କର ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସାଥୀର ଉତ୍ତର ଖୁବ୍ ରୋମାଣ୍ଟିକ୍‌ଭରା ହୋଇଥିଲା। 'ଇଏ ବି ବସ୍‌ଷ୍ଟପ୍' ପାଠଟିରୁ କେତେକ ଅଜବ ଡିଜାଇନ୍‌ର ବସ୍‌ଷ୍ଟପ୍ ସମ୍ପର୍କରେ ଜାଣି ଆଶ୍ଚର୍ଯ୍ୟ ଲାଗିଲା। ମଡେଲ୍ ମିରର୍‌ରେ ଅଙ୍କିତା ବେଶ୍ ସୁନ୍ଦରୀ ଲାଗୁଥିଲେ। 'ପ୍ରାକୃତିକ ଶୋଭାର ଭଣ୍ଡାର କେନ୍ଦୁଝର' ସମ୍ପର୍କରେ ବହୁ ଅଜଣା କଥା ସହର ପୃଷ୍ଠାରୁ ଜାଣିହେଲା।

*- ଶ୍ରୀଧର ଆଚାର୍ଯ୍ୟ, ଲିଙ୍କ୍ ରୋଡ୍, କଟକ*

* ବିବିଧା ପୃଷ୍ଠାରୁ 'ରାତିରେ କେତେକ ପ୍ରାଣୀଙ୍କର ଆଖି ଚିକ୍‌ଚିକ୍ କରେ କାହିଁକି' ସେ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ନିଜ ଝିଅର ନାଁକୁ ଦେହର ବିଭିନ୍ନ ସ୍ଥାନରେ ଖୋଦେଇ କରି ରେକର୍ଡ କରିଥିବା ଜଣେ ବାପାଙ୍କ ସମ୍ପର୍କରେ ବି ଛୁଟିଦିନରୁ ପଢି ବେଶ୍ ଆଶ୍ଚର୍ଯ୍ୟ ଲାଗିଲା। ବ୍ୟଙ୍ଗ ସ୍ତମ୍ଭରେ ପ୍ରକାଶ ପାଇଥିବା 'ଅତି ସର୍ବତ୍ର' ଶୀର୍ଷକ ଲେଖାଟି ସମାଜକୁ ନିଆରା ବାର୍ତ୍ତା ଦେଉଥିଲା। *- ନକୁଳ ପରିଡ଼ା, କୋଣାର୍କ*

* ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଆଇରନ୍ ମ୍ୟାନ୍', 'ସ୍ୱେଟ ପାୱାରଡ ସ୍ମାର୍ଟୱାଚ୍', '୫୦୦୦ କଙ୍କଡ଼ା ବିଛା ସହ ୩୩ ଦିନ' ଆଦି ପାଠଗୁଡ଼ିକ ଆଶ୍ଚର୍ଯ୍ୟକର ହେବା ସହିତ ତଥ୍ୟପୂର୍ଣ୍ଣ ଥିଲା। ଖାସ୍ କରି ୫୦୦୦ କଙ୍କଡ଼ା ବିଛାଙ୍କ ସହ କେମିତି ଜଣେ ମହିଳା ୩୩ ଦିନ ବିତାଇପାରିଲେ ତାହା ମୋତେ ବହୁତ ଆଶ୍ଚର୍ଯ୍ୟ କରିଦେଲା।

*- ପ୍ରିୟା ସ୍ୱାଇଁ, ସାକ୍ଷୀଗୋପାଳ, ପୁରୀ*



## ବିଶେଷ ଚିଠି

ମାଟି ଦେଇଛି ପରିଚୟ
ଥିଲା ଏଥରର ପ୍ରଚ୍ଛଦ,
ହୋଇଥିଲା ଭାରୀ ବଢିଆ
ମନେ ଖେଳାଇଲା ଆନନ୍ଦ।
ସହର, ସିନେମା ଆଉ ସୃଜନ
ତା'ସାଙ୍ଗକୁ ପୁଣି ବିବିଧାର କଥାମାନ,
ସାଥୀର ଉତ୍ତରର ବି ଜବାବ ନାହିଁ
ହାଃ ହାଃ ମନେ ହସ ଭରଇ।
ତୁମେ ମୋର ପ୍ରିୟ ଛୁଟିଦିନ
ତୁମକୁ ଝୁରେ ମୁଁ ସବୁଦିନ।

*- ଲିଜାରାଣୀ ପଣ୍ଡା,*
*ସର୍ବୋଦୟ ନଗର, ପୁରୀ*


ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ନାରୀ ଶକ୍ତି

**ସଂସ୍କୃତରେ ଏକ ଶ୍ଳୋକ ଅଛି–'ନ ସ୍ତ୍ରୀରତ୍ନସମଂ ରତ୍ନମ'। ନାରୀ ରତ୍ନପରି ଆଉ କୌଣସି ରତ୍ନ ନାହିଁ । ସେ ଏମିତି ଏକ ରତ୍ନ ଯାହାର ଚମକରେ ସାରା ବିଶ୍ୱ ଝଲସି ଯାଏ । ତା'ର ଶକ୍ତି, ସାମର୍ଥ୍ୟର କୌଣସି ସୀମା ନାହିଁ ସେ ଘର ସମ୍ଭାଳିପାରେ, ଦେଶ ବି । କୌଣସି କାମ ତା' ପାଇଁ ଅସମ୍ଭବ ନୁହେଁ । ଆଉ ଏହାକୁ ସେ ପ୍ରମାଣିତ କରିଆସିଛି ସବୁ ସମୟରେ...**





ପ୍ରତିମା ରଥ

ସଂସ୍କୃତରେ ଏକ ଶ୍ଳୋକ ଅଛି–'ନ ସ୍ତ୍ରୀରତ୍ନସମଂ ରତ୍ନମ'। ନାରୀ ରତ୍ନପରି ଆଉ କୌଣସି ରତ୍ନ ନାହିଁ । ସେ ଏମିତି ଏକ ରତ୍ନ ଯାହାର ଚମକରେ ସାରା ବିଶ୍ୱ ଝଲସିଯାଏ । ତା'ର ଶକ୍ତି, ସାମର୍ଥ୍ୟର କୌଣସି ସୀମା ନାହିଁ। କୌଣସି କାମ ତା' ପାଇଁ ଅସମ୍ଭବ ନୁହେଁ । ଆଉ ଏହାକୁ ସେ ପ୍ରମାଣିତ କରିଆସିଛି ସବୁ ସମୟରେ...

**ଦବଙ୍ଗ ଲେଡି ବାଉନ୍ସର ପ୍ରତିମା:** ଜିମ୍ ଓ୍ୱାର୍କ ଆଉଟ୍‌ରୁ ଆରମ୍ଭ ହୁଏ ତାଙ୍କ ସକାଳ। କାରଣ ଷ୍ଟ୍ରଙ୍ଗ୍ ଆଉ ଫିଟ୍ ରହିଲେ ହିଁ ତ ସେ ଗହଳି ଓ ଝଗଡ଼ାକୁ କାବୁ କରିପାରିବେ। ଅସାମାଜିକଙ୍କୁ ଉତ୍ତମ ମଧ୍ୟମ ଦେଇପାରିବେ। ଯେଉଁ କାମକୁ ଦିନେ କେବଳ ପୁରୁଷ କରୁଥିଲେ ସେହି କାମ ସେ କରୁଛନ୍ତି। ତେଣୁ ପୁରୁଷଙ୍କ ପରି ବଳବାନ ହେବାକୁ ପଡ଼ିବ। ଏଇ ଷ୍ଟ୍ରଙ୍ଗ୍ ମହିଳା ଜଣକ ହେଉଛନ୍ତି ଓଡ଼ିଶାର ପ୍ରଥମ ଲେଡି ବାଉନ୍ସର। ନାଁ ତାଙ୍କର **ପ୍ରତିମା ରଥ**। ନାନା ପ୍ରତିବନ୍ଧକ, କଟକଣାକୁ ଆଡ଼େଇ ସେ ଏହି କାମକୁ ବାଛିଛନ୍ତି। ଆଉ କରିଚାଲିଛନ୍ତି ସଂଘର୍ଷ। ପ୍ରତିମା କୁହନ୍ତି,'ବ୍ରାହ୍ମଣ ଘରର ଝିଅ ମୁଁ। ତା' ସାଙ୍ଗକୁ ଆମେ ତିନି ଭଉଣୀ ଥିଲୁ। ତେଣୁ ମା' ବାପା ୧୯ ବର୍ଷ ବୟସରେ ବାହା କରାଇ ଦେଇଥିଲେ। ଜଗତ୍‌ସିଂହପୁର ମୋ ଶାଶୁଘର। ସ୍ୱାମୀ କଟକରେ ଚାକିରି କରନ୍ତି। ତେଣୁ ଆମେ ରହୁଥିଲୁ କଟକରେ। ମୋର ଦୁଇ ପୁଅ ହେଲେ। ଶାଶୁ, ଶ୍ୱଶୁର, ସ୍ୱାମୀ, ପିଲାଙ୍କ କଥା ବୁଝୁ ବୁଝୁ ନିଜକୁ ଟିକେ ସମୟ ଦେଇ ପାରୁ ନ ଥିଲି। ଆଉ ମୋର ଓଜନ ବଢିବାକୁ ଲାଗିଲା। ପିଲାମାନେ ବଡ଼ ହେବା ପରେ ଭାବିଲି ଜିମ୍ ଯିବି। ହେଲେ ପରିବାରର କେହି ବି ରାଜି ହୋଇ ନ ଥିଲେ। ତଥାପି ଜିଦି କରି ଜିମ୍ ଗଲି। ନିଜକୁ ଫିଟ୍ କରୁ କରୁ ଜିମିଂ ମୋ ନିଶା ପାଲଟିଗଲା। ତା'ପରେ ମୁଁ ଟ୍ରେନର୍ ପାଲଟିଲି। ୫ ବର୍ଷ ଟ୍ରେନର୍ ଭାବେ କାମ କଲି। ଘରର ସବୁ କାମ ସାରି ମୁଁ ଜିମ୍ ଯାଉଥିଲି। ତଥାପି ଘରେ ଅସନ୍ତୁଷ୍ଟ ରହୁଥିଲେ। ଖାଲି ଘରେ ନୁହେଁ ଜିମ୍‌ରେ ବି ଅନେକ ଲୋକ ଅନେକ କଥା କହୁଥିଲେ। କେହି କେହି ମତେ ବୁଢ଼ୀ ହୋଇ ଜିମ୍ ଆସୁଛି ବୋଲି କହୁଥିଲେ। ଆଉ ଘରେ କହୁଥିଲେ ଏ ବୟସରେ ଜିମ୍ ଯାଉଛୁ ଇଞ୍ଜ୍ୟୁରି ହେଲେ କ'ଣ କରିବା। ଏସବୁ ଶୁଣିବା ପରେ ମନେ ମନେ ସ୍ଥିର କଲି ନିଜକୁ ପ୍ରମାଣିତ କରି ଦେଖେଇବି। ତେଣୁ ୩୮ ବର୍ଷ ବୟସରେ ମୁଁ ଓ୍ୱେଟ ଲିଫ୍ଟିଙ୍ଗ୍ ଆରମ୍ଭ କଲି। ଖୁବ୍ ପରିଶ୍ରମ କଲି। ଆଉ ଟ୍ରେନର୍ ଭାବେ ଯାହା ରୋଜଗାର କରୁଥିଲି, ତା'ସହ ଅନ୍ୟ କିଛି ଲୋକଙ୍କଠାରୁ ଆର୍ଥିକ ସହାୟତା ମାଗି ମୁଁ ୩୯ ବର୍ଷ ବୟସରେ ଜାତୀୟ ସ୍ତରୀୟ ଓ୍ୱେଟ୍ ଲିଫ୍ଟିଙ୍ଗ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କଲି। ଆଉ ଗୋଲ୍ଡ ମେଡାଲ ବି ପାଇଲି। ଏହି ସଫଳତା ପରେ ମୋତେ ଜିମ୍‌ରେ ବୁଢ଼ୀ କହୁଥିବା ଲୋକଙ୍କ ମୁହଁ ବନ୍ଦ ହେଇଗଲା। ହେଲେ ସ୍ୱାମୀଙ୍କୁ ଯେତେବେଳେ ମୋ ମେଡାଲ ଦେଖେଇଲି ସେ କହିଲେ– ମେଡାଲ ପାଇଲୁ ଭଲ କଥା। ହେଲେ ଏଥିପାଇଁ ଯେତିକି ଖର୍ଚ୍ଚ କରିଥିଲୁ, ସେତିକି କ'ଣ ପାଇଲୁ ? କ'ଣ ଲାଭ ଅଛି ଏସବୁରେ। ବହୁତ ଦୁଃଖ ଲାଗିଲା। ଏତେ ପରିଶ୍ରମ କରି ପାଇଥିବା ସଫଳତା ପାଇଁ କେହି ଖୁସି ନ ଥିଲେ। ମନ କଷ୍ଟ ହେଲା। ନା ଶାଶୁଘର ନା ବାପଘର କାହାରି ସପୋର୍ଟ ନ ଥିଲା ମୋ ପାଇଁ। ଏମିତିରେ ହଠାତ୍ ଭୁବନେଶ୍ୱରର ଏକ ଜିମ୍‌ରୁ କଲ୍ ଆସିଲା ଟ୍ରେନର୍ ଭାବେ ଯୋଗ ଦେବାକୁ। ଘରେ ଏ ସମ୍ପର୍କରେ ଜଣେଇଲି। ଶାଶୁ, ଶ୍ୱଶୁର ସ୍ୱାମୀ କେହି ସପୋର୍ଟ କରି ନ ଥିଲେ। ସାନ ପୁଅ ଯିଏ ଯୁକ୍ତ ୩ ପଢୁଥିଲା ମନ ଦୁଃଖ କରିଥିଲା। ୨୩ ବର୍ଷର ବଡ଼ ପୁଅ ବି ସେତେଟା ଖୁସି ନ ଥିଲା। ତଥାପି ସମସ୍ତଙ୍କୁ ଛାଡି ନିଜ ସ୍ୱପ୍ନକୁ ପୂରଣ କରିବା ଓ ସ୍ୱାବଲମ୍ବୀ ହେବା ଲାଗି ଘରୁ ପାଦ କାଢ଼ି ଭୁବନେଶ୍ୱର ଆସିଲି। ପୂର୍ବରୁ ସଞ୍ଚିତ ଟଙ୍କାରେ ଭୁବନେଶ୍ୱରରେ ଘରଭଡ଼ା ନେଲି। ଦୁଇଜଣଙ୍କ ପାର୍ଟନରଶିପ୍‌ରେ ହେଇଥିବା ସେଇ ଜିମ୍‌ରେ ଜଏନ୍ କଲି।

ତେବେ ସେଇ ଦୁଇ ପାର୍ଟନରଙ୍କ ଭିତରୁ ଜଣେ ପାର୍ଟନର୍ ଜାଣି ନ ଥିଲେ ମୁଁ ଜଏନ୍ କରିଛି ବୋଲି। ତେଣୁ ତିନି ଦିନ ପରେ ସେ ଜିମ୍‌ରୁ ମତେ ବାହାର କରିଦେଲେ। ମୋ ମୁଣ୍ଡ ଖରାପ ହୋଇଗଲା। ଚାରିଆଡ଼ ଅନ୍ଧାର ଦେଖାଗଲା। ଗୁଗଲ ସର୍ଚ୍ଚ କଲି, ବହୁତ ବୁଲିଲି କାଳେ ଅନ୍ୟ କେଉଁ ଜିମ୍‌ରେ ଚାକିରି ମିଳିବ ବୋଲି। ଶେଷରେ ବୁଦ୍ଧ ପାର୍କ ପାଖ ଏଡି ଫିଟ୍‌ନେସ୍‌ରେ ଟ୍ରେନର୍ ଭାବେ ଯୋଗ ଦେଲି। ସେଠି ଗୋଟେ ମାସ କାମ କରିବା ପରେ ସେମାନେ ମୋତେ କହିଲେ, ମ୍ୟାଡମ ଆପଣ ନର୍ମାଲ ପିଲାଙ୍କୁ ପର୍ସନାଲ ଟ୍ରେନିଂ ଦେବା ପରି ତାଲିମ ଦେଉଛନ୍ତି। ଏତେ ଭଲ ଭାବେ ତାଲିମ ଦେଲେ କେହି ପର୍ସନାଲ ଟ୍ରେନିଂ ନେବେନି। ଜିମ୍‌ର ଲସ୍ ହେବ। ଆଉ ମାସକ ପରେ ମୋତେ ବାହାର କରିଦେଲେ। ଭାଗ୍ୟକୁ ମୋତେ ବାହାର କରିବାର କିଛି ସମୟ ପରେ ଆଙ୍ଗନ ସୁପର ଆକ୍ସେସ୍ କ୍ଲବରେ ବାଉନ୍ସର ରହିବା ଲାଗି ଫୋନ୍ ଆସିଲା। ଆଉ ବାଉନ୍ସରଭାବେ କାମ କରିବାକୁ ମୁଁ ରାଜି ହୋଇଗଲି। ସେବେଠାରୁ ପଟିଆ, ପାଣ୍ଟାଲୁନ ପାଖ ଆଙ୍ଗନ କ୍ଲବରେ ବାଉନ୍ସରଭାବେ କାମ କରୁଛି। ୟା' ଭିତରେ ବର୍ଷେ ହୋଇଗଲାଣି। ରାତିରେ କ୍ଲବରେ ବିଭିନ୍ନ ପ୍ରକାରର ଲୋକ, ଏମିତିକି ନିଶାସକ୍ତ ଲୋକଙ୍କ ଭିତରେ କାମ କରିବାକୁ ହୁଏ। ଝଗଡ଼ା ହେଲେ କିମ୍ବା ଝିଅଙ୍କ ପ୍ରତି କେହି ଦୁର୍ବ୍ୟବହାର କଲେ ସେସବୁକୁ ଅଟକାଇ ଥାଏ। ବିଭିନ୍ନ ପ୍ରକାରର ଲୋକଙ୍କ ଭିତରେ କାମ କରୁଥିଲେ ହେଁ ଆଜି ପର୍ଯ୍ୟନ୍ତ ମୋତେ କେହି ଖରାପ ବ୍ୟବହାର କରିନାହାନ୍ତି। ସମସ୍ତେ ସମ୍ମାନ ଦେଇଛନ୍ତି। ମୋତେ 'ଦିଦି' ବୋଲି ଡାକନ୍ତି। ଝିଅମାନେ ତ ବହୁତ ଭଲ ପାଆନ୍ତି। ସେମାନଙ୍କର କିଛି ବି ଅସୁବିଧା ହେଲେ ମୋତେ ଡାକନ୍ତି। କୁହନ୍ତି ଦିଦି ତମେ ଅଛ ବୋଲି ଆମେ ନିଶ୍ଚିନ୍ତରେ କ୍ଲବ ଆସି ଡ୍ୟାନ୍ସ କରି ପାରୁଛୁ। ପୁଅମାନେ ବି ମୋତେ ସମ୍ମାନ କରନ୍ତି। ଏବେ ମୋ ଦୁଇ ପୁଅ ମୋତେ ବହୁତ ସପୋର୍ଟ କରୁଛନ୍ତି। ସେମାନେ ଦେଖୁଛନ୍ତି ତାଙ୍କ ମା' ସଂଘର୍ଷ କରି ନିଜେ ରୋଜଗାର କରି ଚଳୁଛି। ଆଗକୁ ବଢୁଛି। ତେବେ ବାଉନ୍ସର ଭାବେ କାମ କରିବା ବାଦ୍ ମୁଁ ପ୍ରତିଦିନ ୨ଟାରେ କଟକ ଯାଇଥାଏ ପର୍ସନାଲ ଟ୍ରେନିଂ ଦେବାକୁ। ସେଠୁ ଫେରି ଭୁବନେଶ୍ୱରର ଜଣଙ୍କ ଘରକୁ ବି ଯାଏ ଟ୍ରେନିଂ ଦେବାକୁ। ଏହାପରେ ସନ୍ଧ୍ୟା ୭ଟାରୁ ଆରମ୍ଭ ହୁଏ ଆଙ୍ଗନ କ୍ଲବରେ ମୋର ବାଉନ୍ସର ଜବ୍। ଶୁକ୍ର, ଶନି ଓ ରବିବାର ରାତି ପ୍ରାୟ ୩ଟା ପର୍ଯ୍ୟନ୍ତ ଡ୍ୟୁଟି ରହେ। ରାତି ଅଧରେ ଘରକୁ ଫେରେ। ହେଲେ କେହି କେବେ ମୋତେ ହଇରାଣ କରିବାକୁ ସାହସ କରିନାହାନ୍ତି। ଏହାବାଦ ମୁଁ ଲେଡି ବାଉନ୍ସରଙ୍କର ଗୋଟେ ଗ୍ରୁପ୍ ବି କରିଛି। ଯେଉଁଥିରେ ୫ ଜଣ ଅଛନ୍ତି। ତେବେ ସେମାନେ ସମ୍ପୂର୍ଣ୍ଣଭାବେ ବାଉନ୍ସର ନୁହନ୍ତି। ଅନେକେ ସିକ୍ୟୁରିଟି ଗାର୍ଡ ଅଛନ୍ତି। କିଛି ଇଭେଣ୍ଟରେ ଲେଡି ବାଉନ୍ସରର ଆବଶ୍ୟକତା ଥିଲେ ତାଙ୍କୁ ମୁଁ ଡାକେ। ଓଡ଼ିଶାରେ ଲେଡି ବାଉନ୍ସର ବହୁତ କମ୍। କାରଣ ଆଜିବି ଝିଅମାନେ ଏହି ପେସାକୁ ଆପଣେଇବାକୁ କେହି ପସନ୍ଦ କରୁନାହାନ୍ତି। ଭୁବନେଶ୍ୱରରେ ଲେଡି ବାଉନ୍ସର ଅଛନ୍ତି ବୋଲି ବି ଅନେକେ ଜାଣିନାହାନ୍ତି। ତେଣୁ ବହୁତ କମ୍ କାମ ମିଳୁଛି। ସଂଘର୍ଷ ଜାରି ରଖିଛି। ଝିଅଙ୍କୁ ଏହି ଲାଇନ୍‌କୁ ଆଣିବା ଲାଗି ପ୍ରୋତ୍ସାହନ ବି ଦେଉଛି।

**ଟାୱାର କୁଇନ୍ ସୀତା:** ଓଡ଼ିଶା ବିଦ୍ୟୁତ୍ ସଞ୍ଚାର ନିଗମ ଲିଃର ଇମର୍ଜେନ୍ସି ବିଭାଗରେ ସେ ଚାକିରି କରନ୍ତି। ତେଣୁ ସବୁବେଳେ ଥାଆନ୍ତି ଡ୍ୟୁଟିରେ। କେବେ ଟାଇଁ ଟାଇଁ ଖରାରେ ଫିଲ୍ଡ କାମ କରନ୍ତି ତ ଆଉ କେବେ ଜୀବନକୁ ବାଜି ଲଗାଇ ପୁରୁଷଙ୍କ ପରି ଟ୍ରାନ୍ସମିସନ୍ ଟାୱାର ଉପରେ ଚଢି କାମ କରନ୍ତି। ନ ଥାଏ ତିଳେ ମାତ୍ର ଡର। ସେଥିପାଇଁ ତ ସେ ପରିଚିତ 'ଟ୍ରାନ୍ସମିସନ୍ ଟାୱାର କୁଇନ୍' ଭାବେ। ସେ ହେଉଛନ୍ତି ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ସୋରଣ ଗ୍ରାମର **ସୀତା ବେହେରା**। ସୀତା କୁହନ୍ତି, 'ଆମେ କୈବର୍ତ୍ତ ପରିବାରର। ଆମେ ତିନି ଭଉଣୀ ଓ ଜଣେ ଭାଇ। ଘରର ଆର୍ଥିକ ଅବସ୍ଥା ବିଶେଷ ସ୍ୱଚ୍ଛଳ ନ ଥିଲା। ତେଣୁ ପାଠପଢ଼ାରେ ବହୁତ ବାଧା ଆସିଥିଲା। ତଥାପି ଗାଁ ସ୍କୁଲରେ ଭାଇର ବହି ପଢି ଦଶମ ଓ ଯୁକ୍ତ ଦୁଇ ସାରିଲି। ଏହାପରେ ଅନେକ ଅଭାବ ସତ୍ତ୍ୱେ ବ୍ରହ୍ମପୁର ଶିଳ୍ପ ତାଲିମ ଅନୁଷ୍ଠାନରେ ଇଲେକ୍ଟ୍ରିସିଆନ ବିଭାଗରେ ନାମ ଲେଖାଇଲି। ବଡ଼ ଭାଇ ଥିଲେ ମୋ ଆଦର୍ଶ। ବଡ଼ ଭାଇ ବି ଏହି ବିଭାଗରେ ପଢୁଥିଲେ। ସେ ବିଭିନ୍ନ ବୈଦ୍ୟୁତିକ ଉପକରଣ ମରାମତି ସହ ବିଭିନ୍ନ ଯନ୍ତ୍ରାଂଶକୁ ନେଇ ନୂଆ କିଛି କରିବାକୁ ଚେଷ୍ଟା କରୁଥିଲେ। ତାଙ୍କଠାରୁ ପ୍ରେରଣା ପାଇ ମୁଁ ଆଇଟିଆଇରେ ନାମ ଲେଖାଇଲି। ଆଉ ଆମ ଗାଁର ମୁଁ ପ୍ରଥମ ଆଇଟିଆଇ ପଢୁଥିବା ଝିଅ ପାଲଟିଲି। ତେଣୁ ଗାଁ ଲୋକେ ବହୁତ ଟାହିଟାପରା କଲେ। ସମସ୍ତେ କହିଲେ ଝିଅ ହେଇ ଆଇଟିଆଇ କରୁଛି। ସେ କ'ଣ ପାରିବ। ଆଇଟିଆଇ ବ୍ୟାଗ ପକେଇ ଆଇଟିଆଇ କଲେଜ୍‌ର ପ୍ୟାଣ୍ଟ, ଶାର୍ଟ ୟୁନିଫର୍ମ ପିନ୍ଧି ଗାଁକୁ ଆସିଲେ ମୋତେ ଚିଡେଇକି ସମସ୍ତେ 'ଆଇଟିଆଇ' ଆସିଲା ବୋଲି କହୁଥିଲେ। ସେମାନଙ୍କ ମୁଣ୍ଡରେ ଥିଲା ଆଇଟିଆଇ କଲେ ଖୁଣ୍ଟରେ ଚଢି ତାର ଜଏଣ୍ଟ କରିବ, ଇଲେକ୍ଟ୍ରି ବିଲ୍ କଲେକ୍ଟ କରିବ, ନ ହେଲେ ଇଲେକ୍ଟ୍ରି ଜିନିଷ ମରାମତି ଦୋକାନ କରିବ। ଆଉ ଏସବୁ ତ ପୁଅଙ୍କ କାମ। ଝିଅ ହୋଇ କ'ଣ ଏସବୁ କରିବ। ତଥାପି ମୋ ପାଦ ଅଟକି ନ ଥିଲା। ପଢା ସରିବା ପରେ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାର ନିଗମ ଲିଃରେ ୨୪ ବର୍ଷ ବୟସରେ ନିଯୁକ୍ତି ମିଳିଲା। ପ୍ରଥମ ପୋଷ୍ଟିଂ ୧୩୨/୩୩ କେଭି ଗ୍ରୀଡ୍ ସବଷ୍ଟେଶନ ବାଲୁଗାଁରେ ହେଲା। ଚାକିରି ପରେ ଆମ ଗାଁର ମୁଁ ଟେକ୍ନିସିଆନ୍ ଚାକିରି କରିଥିବା ପ୍ରଥମ ଝିଅ ହେଲି। ଏହାପରେ ଯେଉଁମାନେ ମୋତେ ଆଇଟିଆଇ ଡାକୁଥିଲେ ସେମାନେ 'ଓପିଟିସିଏଲ୍' ଡାକିବା ଆରମ୍ଭ କରିଦେଲେ। ଆଉ ଟ୍ରାନ୍ସମିଶନ ଟାୱାର ଚଢି କାମ କରିବା ପରେ ତ ସମସ୍ତେ ଆଶ୍ଚର୍ଯ୍ୟ ହେଲେ। ମୁଁ ସାଧାରଣତଃ ୧୩୨/୩୩ କେଭି ଫିଡରର ଆଇସୋଲେଟର୍ (ଯାହାର ଉଚ୍ଚତା ୩୦ରୁ ଊର୍ଦ୍ଧ୍ୱ ହୋଇଥାଏ) ଉପରେ ଚଢି ତାକୁ ଲୁବ୍ରିକେଟ୍ କରେ, ଅଏଲିଂ କରେ, ଗ୍ରିସିଂ କରେ, ପେଟ୍ରୋଲିୟମ୍ ଜେଲି ଲଗାଏ ତା'ସହ ନଟ ବୋଲ୍ଟ ଟାଇଟ୍ କରେ ଓ ବେ ମାର୍କିଂ କରେ। ଟ୍ରାନ୍ସଫର୍ମର ଉପରେ ଚଢି ଜମ୍ପରିଂ ବି କରେ। ପ୍ରଥମେ ପ୍ରଥମେ ଯେଉଁ ଗାଁ ଲୋକ ଟାହିଟାପରା କରୁଥିଲେ, ଝିଅ ହୋଇ ପୁରୁଷଙ୍କ ପରି କାମ କରୁଥିବା ଦେଖି ମୋତେ ବହୁତ ପ୍ରଶଂସା କଲେ। ପରେ ୨୨୦/୧୩୨/୩୩ କେଭି ଗ୍ରୀଡ ସବ୍‌ଷ୍ଟେଶନ ନରେନ୍ଦ୍ରପୁରକୁ ବଦଳି ହେଲା। ଏବେ ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେଶନ୍ ସମଙ୍ଗରା, ପୁରୀରେ ଅଛି। ମୋତେ ଏବେ ୨୭ ବର୍ଷ ବୟସ ଓ ବିବାହିତା। ତା'ସହ ମୁଁ ମା' ବି ହୋଇସାରିଲିଣି। ସ୍ୱାମୀ ମଧ୍ୟ ଓଡ଼ିଶା ବିଦ୍ୟୁତ୍ ସଞ୍ଚାର ନିଗମ୍ ଲିଃରେ କାମ କରନ୍ତି। ସେ ଜାଣନ୍ତି ମୋ କାମ କେତେ କଷ୍ଟ। ତେଣୁ ମୋତେ ବହୁତ ସପୋର୍ଟ କରନ୍ତି। ପ୍ରତିଦିନ ମୁଁ ଘରର ସବୁ ଦାୟିତ୍ୱ ତୁଲାଇବା ସହ କୁନି ଝିଅର କଥା ବୁଝିବା ପରେ ଠିକ୍ ସମୟରେ ଯାଇ ପହଞ୍ଚେ ମୋ କର୍ମକ୍ଷେତ୍ରରେ। ଟାଇଁ ଟାଇଁ ଖରାରେ ଫିଲ୍ଡ କାମ କରି ନିଜ ଗ୍ରୀଡ୍‌ରୁ ୬ କି.ମି. ଦୂରରେ ଥିବା ଘରକୁ ଦ୍ୱିପ୍ରହରରେ କିଛି ସମୟ ପାଇଁ ଆସେ ୬ ମାସର ଝିଅକୁ ଖୁଆଇବା ଲାଗି। ଖୁଆଇ ସାରିବା ପରେ ପୁଣି ଫେରେ କର୍ମସ୍ଥଳକୁ। ମା'ର କର୍ତ୍ତବ୍ୟ ସହ ସମାଜ ପାଇଁ ଥିବା କର୍ତ୍ତବ୍ୟକୁ ସୁଚାରୁରୂପେ ତୁଲାଇବା ଲାଗି ମୁଁ ସବୁବେଳେ ଚେଷ୍ଟା କରେ। ଲୋକେ ଯେମିତି ନିରନ୍ତର ବିଦ୍ୟୁତ୍ ସେବା ପାଇପାରିବେ ଚେଷ୍ଟା କରେ। ମୋ କାମକୁ ନେଇ ଅଫିସ୍‌ର ସିନିୟର୍‌ମାନେ ବହୁତ ପ୍ରଶଂସା କରନ୍ତି। ମୋ ଶାଶୁଘର,ବାପଘର ଲୋକ ବି ପ୍ରଶଂସା କରିବା ସହ ବହୁତ ସପୋର୍ଟ କରନ୍ତି।


ସୀତା ବେହେରା


ସନ୍ତୋଷିନୀ ମିଶ୍ର

**୭୫ ବର୍ଷରେ ରାନ୍ଧନ୍ତି ଭୋଜି:** ପରିବାର ଉପରେ ବିପଦ ଆସିଲେ ନାରୀ ନିଜକୁ ପରିବାରର ଢାଲ ରୂପେ ସଜାଇପାରେ। ଦରକାର ପଡିଲେ ଘର ଏରୁଣ୍ଡି ଡେଇଁ କଠିନରୁ କଠିନ କାମ କରେ। ନାନା କଷ୍ଟ ସହି ସମସ୍ତଙ୍କ ମୁହଁରେ ହସ ଫୁଟାଏ। ଏଇ ଯେମିତି ସମ୍ବଲପୁର ସହର ଝାଡୁଆପଡ଼ାର ୭୫ ବର୍ଷୀୟା **ସନ୍ତୋଷିନୀ ମିଶ୍ର**। ବିବାହର କିଛି ବର୍ଷ ପରେ ସ୍ୱାମୀ ହୃଦ୍‌ରୋଗରେ ଆକ୍ରାନ୍ତ ହେଲେ। ପିଲାମାନେ ବହୁତ ଛୋଟ ଥିଲେ। ସ୍ୱାମୀଙ୍କ ଚିକିତ୍ସା, ପିଲାଙ୍କ ପାଠପଢ଼ା ସହ ଘରର ସବୁ ଦାୟିତ୍ୱ ତାଙ୍କ ଉପରେ ଲଦି ହୋଇଗଲା। ସେଥିପାଇଁ ସେ ହାତରେ ଚଟୁ ଧରିଲେ। ଆଉ ପୁରୁଷଙ୍କ ପରି ଭୋଜି ରୋଷେୟା ପାଲଟିଗଲେ। ସେବେଠାରୁ ଆଜିଯାଏ ସେ ଏହି କାମ କରି ଆସୁଛନ୍ତି। ଏବେ ତାଙ୍କୁ ୭୫ ବର୍ଷ ବୟସ। ତଥାପି ସେ ହାତରେ ଚଟୁ ଧରି ହଜାର ହଜାର ଲୋକଙ୍କ ପାଇଁ ଭୋଜି ରାନ୍ଧନ୍ତି। ଯାହା ରୋଜଗାର ହୁଏ ନିଜ ପରିବାର ଚଳାଇବା ସହ ତାଙ୍କ ପାଖରେ କାମ କରୁଥିବା ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପରିବାର ବି ଚଳେ। ସେଥିପାଇଁ ସେ 'ସନ୍ତୋଷିନୀ ନାନୀ' ଭାବେ ବେଶ୍ ଜଣାଶୁଣା। ସନ୍ତୋଷିନୀ କୁହନ୍ତି, 'ଦୀର୍ଘ ୩୫ ବର୍ଷ ହେବ ରୋଷେୟା କାମ କରିଆସୁଛି। ସ୍ୱାମୀ ପାନ ଦୋକାନ କରି ପରିବାର ଚଳାଉଥିଲେ। ତେବେ ସେ ହୃଦ୍‌ରୋଗରେ ପୀଡିତ ହେବା ପରଠାରୁ କୌଣସି କାମ କରିବାକୁ ସକ୍ଷମ ହେଲେ ନାହିଁ। ଘର ଚଳାଇବା ଓ ସ୍ୱାମୀଙ୍କ ଚିକିତ୍ସା ଖର୍ଚ୍ଚ ପାଇଁ ମୁଁ ହାତରେ ଚଟୁ ଧରିଲି। ଆଉ ରୋଷେୟା ପାଲଟିଲି। ପ୍ରଥମେ କିଛି ଘରର ଛୋଟମୋଟ କାର୍ଯ୍ୟକ୍ରମରେ ରୋଷେଇ କଲି। ଆଗରୁ ଯୌଥ ପରିବାର ଥିବାରୁ ଗୋଟେ ପରିବାରରେ ୨୦-୨୫ ଜଣ ସଦସ୍ୟ ରହୁଥିଲେ। ବାହାଘରେ ତ କୁଣିଆ ୪-୫ ଦିନ ରହୁଥିଲେ। ଆଉ ତାଙ୍କ ପାଇଁ ଘରର ସ୍ତ୍ରୀ ଲୋକ ହିଁ ରୋଷେଇ କରୁଥିଲେ। ଏମିତିରେ ଅଧିକ ଲୋକଙ୍କ ପାଇଁ ରୋଷେଇ କରିବାର ଅଭ୍ୟାସ ମୋର ଥିଲା। ତେଣୁ ଭୋଜିରେ ରୋଷେଇ କରିବା ଆରମ୍ଭ କଲି। ଲୋକେ ମୋ ହାତରନ୍ଧାକୁ ପସନ୍ଦ କଲେ। ଆଉ ବିଭିନ୍ନ ସ୍ଥାନରୁ ଭୋଜି ରାନ୍ଧିବା ଲାଗି ଡାକରା ଆସିବାକୁ ଲାଗିଲା। ପରେ ମୁଁ ବଡ଼ ବଡ଼ ଭୋଜି ରାନ୍ଧିବା ଆରମ୍ଭ କଲି। ପାଖରେ ରେଜା, ମିସ୍ତ୍ରି ରଖିଲି। ବିବାହ, ବ୍ରତଠାରୁ ଆରମ୍ଭ କରି ଗଙ୍ଗାଭୋଜି ଆଦିରେ ରାନ୍ଧିଲୁ। ଲୋକମାନଙ୍କ ରୁଚି ଓ ଇଚ୍ଛା ଅନୁସାରେ ଆମେ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରୁ। ୫ହଜାର ଲୋକଙ୍କ ପାଇଁ ଆମେ ଖାଦ୍ୟ ପ୍ରସ୍ତୁତ କରିପାରୁ। ଏବେ ମୋ ଟିମ୍‌ରେ ୫୦ଜଣ ମହିଳା ଓ ପୁରୁଷ ବାଢିବା ଲାଗି ଅଛନ୍ତି। ପରିବା କାଟିବା ଓ ଅନ୍ୟାନ୍ୟ କାମ ଲାଗି ବି ୫୦ ଜଣ ଅଛନ୍ତି। ସେମାନେ ସମସ୍ତେ ମୋ ପିଲା ଭଳି। ତାଙ୍କ ସୁବିଧା ଅସୁବିଧା ମୁଁ ବୁଝେ। ସେମାନେ କିଭଳି ସବୁ ସମୟରେ ଦି' ପଇସା ରୋଜଗାର କରିପାରିବେ ସେଥିପାଇଁ ମୁଁ ଚେଷ୍ଟା କରିଥାଏ। ଏଇ ରୋଷେଇ କରି ପୁଅ ଦୁଇଜଣଙ୍କୁ ପଢାଇଲି, ବାହାଘର ବି କରେଇଲି। ସ୍ୱାମୀଙ୍କ ଚିକିତ୍ସା ବି କରୁଥିଲି। ତେବେ ୧୦ ବର୍ଷ ତଳେ ସେ ଆରପାରିକି ଚାଲିଯାଇଛନ୍ତି। ଦୁଇ ପୁଅ ବ୍ୟବସାୟ କରୁଛନ୍ତି। ମୋର ୩ ନାତିନାତୁଣୀ ଅଛନ୍ତି। ସଂସାର ଭଲରେ ଚାଲିଛି। ପୁଅ ବୋହୂ ସମସ୍ତେ ଭଲ। ତଥାପି ସ୍ୱାବଲମ୍ବୀ ରହିବାର ଇଚ୍ଛାରେ ଆଜି ବି ମୁଁ ରୋଷେୟା କାମ କରୁଛି। କାହିଁକି ନା କାହା ପାଖରେ ହାତ ପାତିବାକୁ ମୋତେ ଭଲ ଲାଗେ ନାହିଁ। ତେଣୁ ହାତରେ ବଳ ଥିବା ଯାଏ ଏହି କାମରେ ନିୟୋଜିତ ରହିଥିବି।'

ନାରୀ ସୁକୁମାରୀ କୋମଳ। ସେ କ'ଣ ପୁରୁଷ ସମ ହୋଇପାରିବେ ? ଏଇ ଧାରଣା ଯେ ସମ୍ପୂର୍ଣ୍ଣ ଭୁଲ୍। ନାରୀର ଶକ୍ତି, ସାମର୍ଥ୍ୟ ଅସୀମ। ତାହାକୁ ପ୍ରମାଣିତ କରିଆସିଛନ୍ତି ଏହିଭଳି ଦୃଢ଼ମନା ନାରୀମାନେ।

-ଶିବାନୀ ମହାନ୍ତି

# ମା' ଆସୁଛନ୍ତି



**ମା'ଙ୍କ ଆଶୀର୍ବାଦରେ ହିଂସା, ଈର୍ଷା ଓ ଅସୂୟାର ମହିଷାସୁର ଏ ପାର୍ବଣରେ ବିନାଶ ହେଉ, ଆଉ ଶରତର ନିର୍ମଳ ଆକାଶ ପ୍ରେମ ଓ ଆନନ୍ଦର ବାର୍ତ୍ତା ଦେଉ...**

## ନାରୀ ତ ସହସ୍ରଭୁଜା

ନାରୀ ତ ସହସ୍ରଭୁଜା/ ସମସ୍ତ ହାତରେ ତା'ର
ଭରିଥାଏ ଅମୃତ କଳସୀ/ ମାତ୍ର ଗୋଟିଏ ହାତରେ
ଧାରଣ କରି ତ୍ରିଶୂଳ/ ଅନ୍ୟାୟ ଓ ଅନୀତିକୁ
ସମୂଳେ ବିନାଶ କରି/ ନିମିଷକେ କରିଦିଏ
ପୃଥିବୀକୁ ସୁକଲ୍ୟାଣମୟ ।

– ***ଡ. ସରୋଜିନୀ ଷଡ଼ଙ୍ଗୀ,*** *ଲିଙ୍କ୍‌ରୋଡ, କଟକ-୧୨*
*ମୋ: ୯୪୩୭୦୫୫୦୦୭*

## ଦେବୀ ଆସେ

ବାରୁଦ ଗନ୍ଧରେ
ଫାଳେ ଆକାଶ ଆଚ୍ଛାଦିତ
ଆର ଫାଳକରେ ଆଶଙ୍କା ଆତଙ୍କ
ଏ ବେଳରେ ଦେବୀ ଆଗମନ
ମନରେ ଖୁସି ନା ଉତ୍ସାହ
ଦେବ ଯଦି ଦିଅ ମାଆ ଶାନ୍ତି
ନେବ ଯଦି ନେଇଯାଅ ଅସୂୟା ...ଅଶାନ୍ତି
ଅସୁରକ୍ଷିତ ସମୟ ସହ ସନ୍ଧି
କେମିତି କରୁଛି କାଳ
ଦେଖିଯାଅ ସ୍ୱଚକ୍ଷୁରେ ଆସି ।

–***ବନ୍ଦିତା ଦାଶ,*** *କାଂଶବାହାଲ, ସୁନ୍ଦରଗଡ଼*
*ମୋ: ୮୦୧୮୦୯୮୯୨୮*

## ପ୍ରାର୍ଥନା

ଅଗ୍ନିକନ୍ୟା ହୋଇ ଜାଳି ଦେ ତୁ
ଅମଣିଷ ପଣିଆର ପାପର ସହର,
ତମସାର ଅନ୍ଧ କୂପେ
ବନ୍ଦୀ ଏହି ଆସୁରିକ ଚେତନାକୁ
ଦେଖାଇ ଦେ ମାର୍ଗ ତୁ ମାନବିକତାର,
ଆକୁଳ ପ୍ରାର୍ଥନା ଶୁଣି
ଖୋଲି ଦେ ମା'
ଅମୃତ ଓ ଆଲୋକର ଦ୍ୱାର.. !

–***ସୁଜାତା ମିଶ୍ର,*** *କସ୍ମୋପଲିସ*
*ଭୁବନେଶ୍ୱର, ମୋ: ୯୪୩୭୧୧୭୦୮୪*

## ସମୀକ୍ଷା

ଚାଲ ମାଆଙ୍କ ପାଖେ
ସମର୍ପଣ କରିଦେବା
ଯେତେ ସବୁ ବୃଥା ଅହମିକା
ମାରିବାକୁ ହେବ ''ମୁଁ'' ର ମହିଷା
ଚାଲ ଏବେ ନିରବରେ କରିବା
ପାର୍ବଣର ପ୍ରକୃତ ସମୀକ୍ଷା ।

–***ସୁଶ୍ରୀ ହରପ୍ରିୟା ସାହୁ,*** *ପଥୁରିଆ ସାହି , ପୁରୀ*
*ମୋ: ୭୭୩୫୫୨୯୩୧୯*

## ଦେବୀ

ଦିଶିଲାଣି କାଶତଣ୍ଡୀର ଶୁଭ୍ର ମଖମଲି ବିଜୟ ଧ୍ୱଜା
ଦେବ ଦାନବର ସରିନି ଯୁଦ୍ଧ, ଆଜିବି ସେ ଦେବୀକୁ ଖୋଜା
ପାର୍ବଣ ପୁଲକରେ ଚଳଚଞ୍ଚଳ ମାନବୀୟ ପରମ୍ପରା
କାମନା ଯୁଦ୍ଧରେ ବିଜୟ ପାଇଁ ଦେବୀପୂଜନର ଧାରା ।

–***ମାନସ ରଞ୍ଜନ ନାୟକ***
*ମଞ୍ଜୁରୀ ରୋଡ୍, ଭଦ୍ରକ, ମୋ: ୯୮୯୦୮୫୧୪୨୭*

## ଫିକା ପାର୍ବଣ

ବଦଳିଛି ବିଶ୍ୱ ଚତୁର୍ଦ୍ଦିଗ ନିଃସ୍ୱ
ହୃଦୟରେ ହାହାକାର
କ୍ଷମା ଦେଇ ମା' ପଣତରେ ତୋର
ସନ୍ତାନଙ୍କୁ ତୋଳିଧର ।
ଯୋଡ଼ ହସ୍ତେ ସର୍ବେ ସମର୍ପିତ ହେଲୁ
ତୋର ଆଶ୍ରା ଟିକେ ପାଇଁ
ପାର୍ବଣ ପିଣ୍ଡାରେ କାନି ପାରିଛୁ ମା'
ନିରାଶ କରିବୁ ନାହିଁ ।

–***ଜ୍ୟୋତ୍ସ୍ନାରାଣୀ ପଣ୍ଡା,*** *ଗୁଡ଼ିଆ ପୋଖରୀ*
*ମୋ: ୯୮୬୧୧୪୩୯୪୯*

## ଶାସ୍ତି

ମଣ୍ଡପରେ ଥାଆନ୍ତା କି ଗୋଟେ ଝର୍କା
ଦେବୀ ଦେଖିପାରନ୍ତା ପରଦା ପଛର ଖେଳ
ଦଦରା ଅନ୍ଧାର ଗୋଟିକର ନିରୀହପଣ
ନିଜ ଘରୁ ତଡ଼ା ଖାଇଥିବା ଈଶ୍ୱରର ଠିକଣା
ଜଳିଯାଉଥିବା ଈଶ୍ୱରୀର ଆର୍ତ୍ତନାଦ
କଣ୍ଟାବୁଦା ମୂଳେ ବୁଲା କୁକୁରଙ୍କ ଓଟରା କାମୁଡା ପରେ ବି
ବଞ୍ଚି ଯାଇଥିବା ଗୋଟେ ଜୁଳୁ ଜୁଳୁ ଶବ
ସେଇ ସ୍ଥାନ, ସେଇ ଭୋଗ, ସେଇ ବାସ୍ନା ଛାଡ଼ି
ଦେବୀ ବଦଳେଇ ଦିଅନ୍ତା ପୃଥିବୀ
ଶଙ୍ଖ ପରି ଆଉ କିଛି ଶବ୍ଦରେ ତିଆରି କରନ୍ତା ଶାସ୍ତି
''ବିଚରା ପୁରୁଣା ମହିଷାସୁରଟା ଲଭିପାରନ୍ତା ମୁକ୍ତି ।''

– ***ଗାୟତ୍ରୀ ଦାସ,*** *ଦୁର୍ଗା ବିହାର, ଅନୁଗୁଳ*
*ମୋ: ୮୨୪୯୫୮୬୪୪୩*

## ମାଆ

ଶରତ ସକାଳ ପତ୍ରେ ଢଳ ଢଳ
ନୀହାର ରଜତ ବିନ୍ଦୁ
ମୋ ମାଆ ହୃଦୟ ପ୍ରୀତି ସୁଧାମୟ
କ୍ଷମା କରୁଣାର ସିନ୍ଧୁ ।
ମୋ କଣ୍ଠରୁ ଯେବେ ମାଆ ଡାକ ଶୁଭେ
ତା' ହୃଦ ତରଳିଯାଏ
ମାଆଠାରୁ ବଳି ଅମୃତର ଶବ୍ଦ
ସଂସାରେ ଦେଖିଛି କିଏ ।

–***ଭରତ ଚନ୍ଦ୍ର ଦାଶ***
*ସଚିବ, ସୃଜନ ଶ୍ରୀକ୍ଷେତ୍ର, ମାର୍କୋଣା*
*ବାଲେଶ୍ୱର, ମୋ: ୯୪୩୭୩୭୨୧୬୬*



# ଦେବୀ

ଗଡ଼ି ଯାଉଥିଲା ଲଗ୍ନ। ଡେରି ହୋଇଯାଉଥିଲା, କିନ୍ତୁ ଏଯାଏଁ ଖୋଲୁ ନ ଥିଲା ରେଳ ଫାଟକ। ଗାଡ଼ି ଭିତରେ ବସିଥିବା ଶ୍ରାବଣୀର ମନ ଆଉ ଧୈର୍ଯ୍ୟ ଧରୁ ନ ଥିଲା। ଚୁମ୍‌କି ଲଗା ନାଲି ଶାଢ଼ି ତା'ସହ ଚକ୍‌ମକ୍ ଓଢ଼ଣୀ। ବାସ୍ନାତେଲ, ସିନ୍ଦୂର, ଅଳତା, ଚୁଡ଼ି ଏବଂ ଅନ୍ୟାନ୍ୟ ପୂଜା ଉପକରଣ କୋଳରେ ଥିଲା। ମନ ବ୍ୟଗ୍ର ଥିଲା ମଣ୍ଡପରେ ପହଞ୍ଚିବା ପାଇଁ, କିନ୍ତୁ ଆଖି ସ୍ଥିର ହୋଇଯାଇଥିଲା ଫୁଟ୍‌ପାଥ୍‌ରେ ବସିଥିବା ଦୁସ୍ଥ ସ୍ତ୍ରୀଲୋକଟି ଉପରେ। ଫୁଟ୍‌ପାଥ୍ ଧାରରେ ଚୁପ୍‌ଚାପ ବସିଥିଲା ସେ। ନିରାଶାର ଗଭୀର ଖାତରେ ବୁଡ଼ିଥିବା ଆଖିରେ ଏକ ଶୂନ୍ୟ ଚାହାଣି ନେଇ ଚାହୁଁଥିଲା କେବଳ। ଶରୀର ଢାଙ୍କିବା ପାଇଁ ସଂଘର୍ଷ କରୁଥିଲା ସେ ପିନ୍ଧିଥିବା ଚିରା ଶାଢ଼ିଟି। ଫୁର୍‌ଫୁର୍ ଉଡୁଥିଲା କେଉଁ କାଳରୁ ତେଲର ମୁହଁ ଚାହିଁ ନ ଥିବା ଅଳରା ଚୁଟି।

ସବୁଜବତି ଜଳି ସାରିଥିଲା, କିନ୍ତୁ ହଠାତ୍ କିଏ ଯେପରି ଭିତରୁ ନିର୍ଦ୍ଦେଶ ଦେଉଥିଲା ଆଉ ସ୍ୱୟଂଚାଳିତ ଭାବେ ଓହ୍ଲାଇ ପଡ଼ିଥିଲା ଶ୍ରାବଣୀ। ଡାକି ନେଇଥିଲା ପାଖରେ ଥିବା ସୁଲଭ ଶୌଚାଳୟକୁ। ଉଭୟଙ୍କ ଆଖିରୁ ଝରଝର ଝରୁଥିଲା ଶ୍ରାବଣର ଧାରା। ଶ୍ରାବଣୀ ଲାଗିଥିଲା। ନିଜ ହାତରେ ପିନ୍ଧାଇ ଦେଉଥିଲା ଦେବୀଙ୍କ ଶାଢ଼ି। ଅଳ୍ପ ସମୟ ପରେ ହସହସ ଚେହେରା ନେଇ ତା' ସାମ୍ନାରେ ଥିଲେ ସେ କିନ୍ତୁ ଶ୍ରାବଣୀକୁ ଲାଗୁଥିଲା ଯେମିତି ସ୍ୱୟଂ ଦେବୀ ଅଛନ୍ତି ତା' ସାମ୍ନାରେ।

ନିଜ ଭିତରେ ବେଶ୍ ସନ୍ତୁଷ୍ଟି ଅନୁଭବ କରୁକରୁ ଅଳ୍ପ ସମୟ ପରେ ରିକ୍ତ ହସ୍ତରେ ମଣ୍ଡପ ସାମ୍ନାରେ ପହଞ୍ଚି ହାତ ଯୋଡ଼ିଦେଇଥିଲା ଶ୍ରାବଣୀ। କିନ୍ତୁ ଦେବୀଙ୍କୁ ଦେଖି ତା'ର ଆଶ୍ଚର୍ଯ୍ୟର ସୀମା ହିଁ ନ ଥିଲା, କାରଣ ଦେବୀଙ୍କ ଚେହେରା ସମ୍ପୂର୍ଣ୍ଣ ମିଶିଯାଉଥିଲା ଅଳ୍ପ ସମୟ ଆଗରୁ ଭେଟିଥିବା ସେ ସ୍ତ୍ରୀଲୋକଟିର ଚେହେରା ସହ। ପୂଜା ଚାଲୁଥିଲା। ଲାଗୁଥିଲା ଆଶୀର୍ବାଦର ହସ୍ତ ପ୍ରସାରି ଦେଉଛନ୍ତି ଦେବୀ!

**–ଶିବାଶିଷ ପାଢ଼ୀ**
*ହେମଗିର, ସୁନ୍ଦରଗଡ଼*
*ମୋ: ୯୩୪୮୫୭୬୧୫୦*







# ଦେବୀ ମା'

ତରତର ହେଇ ଘରପୂଜା ସାରୁଥିଲେ ରଥ ଗୋସେଇଁ। ଛଅ ଅଙ୍ଗୁଳି ଉଚ୍ଚା ପିତଳମୂର୍ତ୍ତି ମୁଣ୍ଡରୁ ଫୁଲ ଖସିପଡୁଥିଲା। ''ଲାଣ୍ଡିମୁଣ୍ଡି ମୁଣ୍ଡରେ ଟଗରଟେ ରହୁନି।'' ରାଗରେ କହି ପକେଇଲେ ଗୋସେଇଁ। ରଥିଆଣୀ ଲୁଗାକାନି ପାଟିରେ ଦେଇ ଖେଚୁଡ଼ି ବାଢ଼ିଲେ। ଫେରିଲାବେଳକୁ ସଞ୍ଜ। ଦଶମୀରେ କୋଡ଼ିଏ, ତିରିଶ ଫୁଟ ଉଚ୍ଚ ମେଢ଼ ପୂଜିବାକୁ ମଣ୍ଡପଗୁଡ଼ିକରୁ ଡକରା। ସନ୍ଧ୍ୟାବେଳକୁ ଖଡ଼ଖଡ଼ିଆ ପାଁଆଶ ହଜାରେ ଦଶଟା ହେଇଯିବ। ଦିନସାରା ଘରକୁ ବାରିକୁ ହେଉ ହେଉ ରଥିଆଣୀ ଲାଣ୍ଡିମୁଣ୍ଡି ଘର ଦେବୀଙ୍କ ସହ କଥା ହେଲେ। ''ଗୋସେଇଁଙ୍କୁ ଘରମୁହାଁ କରିଦେ ଲୋ ମା'। ଏତେ ଲୋଭକୁ କୋଳ ଖାଲି। ତୁ ମୋ ଝିଅ ହେଇ ଆ।''

**–ଦୀପ୍ତିମୟୀ ଶତପଥୀ**
*ବ୍ରହ୍ମପୁର*
*ମୋ: ୯୦୭୮୬୮୫୨୪୭*







# ଦେବୀଙ୍କ ସହ ସକାଳ


ମୁଁ ସକାଳୁ ଜିଦ୍ ଧରି ବସିଥିଲି। ବାପାଙ୍କୁ ସାଙ୍ଗରେ ନେଇଯିବି। ନେବି ମାନେ ନେବି। ବାପା ଅରାଜି ଲୋକଲଜ୍ଜାକୁ, ସମାଜକୁ ଦୁହାଇ ଦେଇ.... ଯେ ଲୋକେ କ'ଣ କହିବେ? ଅନ୍ତରାଳର ଘଟଣା କିଛି ଏପରି ଥିଲା। କୋଡ଼ିଏ ବର୍ଷ ତଳୁ ମୋ ବୋଉକୁ ହରେଇଥିବା ବାପା ଏଇ ବର୍ଷ ପାରାଲାଇଜ ହେଇଯାଇଥିଲେ ବୋହୂର ଅତିଶୟ ଦୁର୍ବ୍ୟବହାର ଏବଂ ଅପର୍ଯ୍ୟାପ୍ତ ମାନସିକ ଚାପ ସମ୍ଭାଳି ନ ପାରି। ପୁଅ ନିଜେ ପୀଡ଼ିତ ତେଣୁ ନୀରବ। ଦାରୁଭୂତ। ଏ ସବୁ ମୁଁ ବା କେତେଦିନ ସହିଥାନ୍ତି! ଆଖି ଆଗରେ ନିଜ ସୃଷ୍ଟିକର୍ତ୍ତା, ନିଜ ରାଖୀ ବନ୍ଧା ହାତକୁ ଲୁହ ପୋଛୁଥିବା ଦେଖି!

ମୁଁ ବୁଝାଉଥିଲି ଭାଇକୁ ଯେ ମହିଷା ସବୁବେଳେ ପୁରୁଷ ଶରୀରଟିଏରେ ଥିବ ମାନେ ନାହିଁ। ମହିଷା ଏକ ଗୁଣ ଚରିତ୍ର। ସେ କୋଉ ରୂପରେ ବି ଉଭା ହେଇପାରେ। ତା' ସହ ଲଢ଼ିବାକୁ ନିଜ ଭିତର ଶକ୍ତିଙ୍କୁ ଜାଗିବାକୁ ହେବ। କେତେ ଆଉ କାହିଁ ସହିବ? ଜୀବନ ଯେ ଅମୂଲ୍ୟ।

ଦିନସାରାର ଜିଦିବାଦି ପରେ ବି କେହି ରାଜି ନ ଥିଲେ ଲଢ଼ିବାକୁ। ରାତି ଶୁଏଇଦେଇ ନ ଥିଲା ଚିନ୍ତା। ସକାଳୁ ମୁଁ ବାପାଙ୍କ ଦେହ କାଳେ ବେଶି ବିଗିଡ଼ିବ ଭାବି ନିଜକୁ ହାର ମାନେଇ ନେଉଥିଲି କି ମୋ ପାଖକୁ ଭାଇ ଆସିଲା ଆଉ ସିଧା ଚାହିଁ କହିଲା, ''ନାନୀ, ଚାଲ୍ ବାପାଙ୍କୁ ନେଇ ଚାଲିଯିବା ଯୋଉଠି ତାଙ୍କୁ ଯାତନା ଛୁଇଁବନି। ତୁ ଆଉ ମୁଁ ତାଙ୍କ ଦ୍ୱାରପାଳ ହେବା। ମହିଷାକୁ ହାରିବାକୁ ହିଁ ହବ। ଚାଲେ। ପ୍ୟାକିଂ ଆରମ୍ଭ କରିବା।''

ମୁଁ ତା' ମୁଣ୍ଡ ଆଉଁଶି ଦଉ ଦଉ ଭାବୁଥିଲି, ଯୋଉଠି ନିଦ ଭାଙ୍ଗେ ସେଇଠି ପରା ସକାଳ। ସେଇଠୁ ଶକ୍ତି ଦେବୀ ତୁମ ସହ।

**–ଲୋପାମୁଦ୍ରା ପରିଡ଼ା**
*ସୁଭଦୟା ଲକ୍ଜୁରିଆ ଆପାର୍ଟମେଣ୍ଟ*
*ପାନାଥୁର, ବାଙ୍ଗାଲୋର–୧୩,*
*ମୋ: ୯୭୩୧୦୫୭୦୧୪*













# ଜୁଏଲେରିରେ ମା' ଦୁର୍ଗା

**ଆଭୂଷଣ ବା ଜୁଏଲେରି ନାରୀ ସୌନ୍ଦର୍ଯ୍ୟକୁ ଆହୁରି ଆକର୍ଷଣୀୟ କରିଥାଏ। ବିଶେଷକରି ପୂଜାପାର୍ବଣ ଅବସରରେ ପାରମ୍ପରିକ ପୋଷାକ ସହିତ ଶରୀରରେ ନାନାଦି ଆଭୂଷଣ ପିନ୍ଧିଲେ ଲୁକ୍ ବେଶ୍ ଗର୍ଜିୟସ୍ ଲାଗେ। ଏବେ ତ ମା'ଦୁର୍ଗାଙ୍କ ମୁଖ ଥିବା ବିଭିନ୍ନ ଜୁଏଲେରି ବି ମିଳିଲାଣି; ଯାହାକୁ ଟ୍ରାଏ କରି ଆକର୍ଷଣୀୟ ପୂଜା ଲୁକ୍ ପାଇହେବ...**

✻ **ଟେରାକୋଟା ମା' ଦୁର୍ଗା ଜୁଏଲେରି:** ଟେରାକୋଟାରେ ତିଆରି ଏହା ଏକ ସୁନ୍ଦର ହାଣ୍ଡକ୍ରାଫ୍ଟ ଜୁଏଲେରି। ଏହା ନେକ୍ଲେସ୍ ଓ ଇୟର୍ ରିଂ ସେଟ୍‌ରେ ଆସିଥାଏ; ଯେଉଁଥିରେ ମା' ଦୁର୍ଗାଙ୍କର ଆକର୍ଷଣୀୟ ମୁଁହର ଡିଜାଇନ ହୋଇଥିବା ଦେଖିବାକୁ ମିଳେ। ଏହି ଟାଇପ୍‌ର ଜୁଏଲେରି ପର୍ବପର୍ବାଣି ସମୟରେ ଶାଢ଼ି କିମ୍ବା ବୋଟ ନେକ୍ ଅଥବା ଅଫ୍ ସୋଲ୍ଡର୍ ଡ୍ରେସ୍ ସହିତ ବେଶ୍ ଭଲ ମାନିଥାଏ। ତେବେ ଏହି ଜୁଏଲେରି ବ୍ୟବହାର କରିବାବେଳେ ଧ୍ୟାନଦେବେ ଏହା ଯେମିତି କୌଣସି ପ୍ରକାରର କେମିକାଲ୍ ତଥା ପାଣି ସଂସ୍ପର୍ଶରେ ନ ଆସେ, ଖାସ୍ କରି ପରଫ୍ୟୁମ୍ କିମ୍ବା ବଡି ସ୍ପ୍ରେ ସଂସ୍ପର୍ଶରେ ନଆସିବା ଭଲ। ସେହିପରି ଏହି ଜୁଏଲେରିକୁ ବଟର୍ ପେପର୍ କିମ୍ବା କଟନ୍ କପଡାରେ ଠିକ୍ ଭାବେ ର୍ୟାପ୍ କରି ରଖିଲେ ଏହା ଅନେକ ଦିନ ପର୍ଯ୍ୟନ୍ତ ଅକ୍ଷତ ଅବସ୍ଥାରେ ରହିଥାଏ।

✻ **ଜୁଟ୍ ଦୁର୍ଗା ମା' ଜୁଏଲେରି:** ଜୁଟ୍ ଓ କ୍ଲେ ର ମିଳିତ ଡିଜାଇନ୍‌ରେ ତିଆରି ହୋଇଥାଏ ମା' ଦୁର୍ଗାଙ୍କର ମୁହଁ ଥିବା ଏହି ଟ୍ରାଡିଶନାଲ୍ ଜୁଏଲେରି। ଏହାର ନେକ୍ଲେସ୍ ଓ ଇୟର୍ ରିଂ ସେଟ୍ ମଧ୍ୟ ଆସିଥାଏ। ଏହି ଟାଇପ୍‌ର ଜୁଏଲେରିକୁ ନବରାତ୍ରି ଓ ଦଶହରା ସମୟରେ ବେଙ୍ଗଲି କଟନ୍ ଶାଢ଼ି ହେଉ ବା ଜୁଟ୍ ଶାଢ଼ି ସହିତ ମ୍ୟାଚିଂ କରି ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ଏହି ଜୁଏଲେରିକୁ ମଧ୍ୟ ପାଣି ସଂସ୍ପର୍ଶରେ ଆଣିବା ଠିକ୍ ନୁହେଁ। ଯଦି ପିନ୍ଧିବା ସମୟରେ ଝାଳ ବାହାରୁଥାଏ, ତା'ହେଲେ ତୁରନ୍ତ ଝାଳକୁ ପୋଛିଦେବେ।

✻ **କଉଡ଼ି ଜୁଏଲେରିରେ ବି ମା' ଦୁର୍ଗା:** ଏମିତି ବି କିଛି ନେକ୍ଲେସ୍ ଅଛି, ଯାହାକୁ ଜୁଟ୍ ଆଉ କ୍ଲେ ମିଶାଇ ତିଆରି କରାଯାଇଥାଏ। ସେଥିରେ କିଛି କଉଡ଼ିକୁ ଲଗାଇ ତାହାର ଲୁକ୍‌କୁ ଆଉ ଟିକେ ଆକର୍ଷଣୀୟ କରି ଦିଆଯାଏ। ଏହାବାଦ କ୍ଲେରେ ତିଆରି ମା' ଦୁର୍ଗାଙ୍କର ମୁହଁଙ୍କୁ ପେଣ୍ଡେଣ୍ଟ ହିସାବରେ ମଧ୍ୟ ଲଗାଯାଇଥାଏ; ଯାହା ଦେଖିବାକୁ ବେଶ୍ ସୁନ୍ଦର ଲାଗେ। ଏହି ଟାଇପ୍‌ର ଜୁଏଲେରିକୁ ଶାଢ଼ି ହେଉ କିମ୍ବା ଯେ କୌଣସି ଟ୍ରାଡିଶନାଲ୍ ଆଉଟ୍‌ଫିଟ୍ ସହ ଟ୍ରାଏ କଲେ ଟ୍ରେଣ୍ଡି ପୂଜା ଲୁକ୍ ମିଳେ।

✻ **କଟନ୍ କପଡ଼ାରେ ମା' ଦୁର୍ଗା:** ସାଧାରଣ କଟନ୍ କପଡ଼ାକୁ କାଟିକୁଟି ତାକୁ ନେକ୍ଲେସ୍ ଡିଜାଇନ୍ ଦେଇ ତା' ଉପରେ କ୍ଲେରେ ତିଆରି ମା' ଦୁର୍ଗାଙ୍କର ଏକ ଛୋଟ ମୁହଁକୁ ଅଠା ଦେଇ ଲଗାଇଦେଲେ ତାହା ଟିକେ ଭିନ୍ନ ଦେଖାଯାଇଥାଏ। ଖୁବ୍ କମ୍ ଖର୍ଚ୍ଚରେ ଏହାକୁ ଘରେ ତିଆରି କରିହୁଏ। କଟନ୍ ଶାଢ଼ି ସାଙ୍ଗକୁ ଏହି ଟାଇପ୍‌ର ଜୁଏଲେରି ବେଶ୍ ସୁନ୍ଦର ଦେଖାଯାଇଥାଏ।












# ଲିଫଲେଟ୍ ବାଣ୍ଟୁଥିଲେ ବରୁଣ

ବଲିଉଡ୍‌ର ଅନ୍ୟତମ ବ୍ୟସ୍ତ ଅଭିନେତା ହେଉଛନ୍ତି ବରୁଣ ଧାୱନ। ବରିଷ୍ଠ ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କର ଏହି ପୁଅ ଇତି ମଧ୍ୟରେ ଅନେକ ହିଟ୍ ସିନେମାରେ ଅଭିନୟ କରିସାରିଲେଣି। କିନ୍ତୁ ସେ ଯେତେବେଳେ ପାଠ ପଢୁଥିଲେ ନିଜେ ରୋଜଗାରକ୍ଷମ ହେବାକୁ ଏକ ବାଟ ଆପଣେଇଥିଲେ। ଏ ନେଇ ବରୁଣ କହନ୍ତି, 'ସେତେବେଳେ ମୁଁ ଆମେରିକାର ନଟିଂହାମ ୟୁନିଭର୍ସିଟିରେ ପଢୁଥାଏ। ପଢ଼ିବା ସମୟରୁ ହିଁ ମୁଁ ଆତ୍ମନିର୍ଭରଶୀଳ ହେବାକୁ ଚେଷ୍ଟା କରିଥିଲି। କାରଣ ନିଜ ଉପରେ ନିର୍ଭରଶୀଳ ହେବାକୁ ମୁଁ ସବୁବେଳେ ଭଲ ପାଏ। ତେଣୁ ଏକ ନାଇଟ୍ କ୍ଲବ୍‌ରେ ଲିଫଲେଟ୍ ବାଣ୍ଟୁଥିଲି। ଯାହା କିଛି ରୋଜଗାର ହେଉଥିଲା ମୋର ଖର୍ଚ୍ଚ ପ୍ରାୟ ଚଳି ଯାଉଥିଲା। ଏହାପରେ ନିଜ ଟ୍ୟାଲେଣ୍ଟ ବଳରେ ବଲିଉଡ୍‌ରେ ଏଣ୍ଟ୍ରି କଲି। ଆଉ ମୋର ଅଭିନୟକୁ ଦର୍ଶକ ଗ୍ରହଣ କରିଛନ୍ତି।' ବରୁଣଙ୍କର ଆଉ ଏକ ଭଲ ଗୁଣ ରହିଛି। ସେ ଅଭିନୟ କରୁଥିବା ପ୍ରତିଟି ଫିଲ୍ମର ଶୁଟିଂ ଆରମ୍ଭ ହେବା ପୂର୍ବରୁ ମନ୍ଦିର ଯାଇଥାଆନ୍ତି।


ବରୁଣ

# ଜାହ୍ନବୀଙ୍କ ଆକ୍ସନ ମୁଡ୍

ବୋନି ତନୟା ଜାହ୍ନବୀ କପୁର ଏବେ ଏକ ଦମ୍‌ଦାର ଆକ୍ସନ ସିନେମାରେ ଅଭିନୟ କରିବାକୁ ମନ ବଳାଇଛନ୍ତି। ନିଜେ ସିନା ଏ ନେଇ ଆଗ୍ରହ ପ୍ରକାଶ କରିଛନ୍ତି, ହେଲେ ସେଭଳି ସୁଯୋଗ ମିଳିବା ହେଉଛି ବଡ କଥା। କିନ୍ତୁ ଏମିତି କ'ଣ ହେଲା ଯେ ସେ ଏଭଳି ଫିଲ୍ମରେ ଆକ୍ଟିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି? ଏ ନେଇ ଜାହ୍ନବୀ କହନ୍ତି, 'କୋଭିଡ ଭିତରେ ମୁଁ ଅନେକ ଆକ୍ସନଭିତ୍ତିକ ହଲିଉଡ୍ ଫିଲ୍ମ ଦେଖିଥିଲି। ଏହାବାଦ ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିବା ପୂର୍ବରୁ ମୋର ଏଭଳି ଫିଲ୍ମ ପ୍ରତି ଦୁର୍ବଳତା ଥିଲା। ଆଉ ଏବେ ସେପରି ଚିତ୍ରରେ ଅଭିନୟ କରିବାକୁ ଆଶା ରଖିଛି। କେବଳ ସେତିକି ନୁହେଁ, ଭଲ ଭଲ କେତୋଟି ଆକ୍ସନଭିତ୍ତିକ କାହାଣୀ ମଧ୍ୟ ସିଲେକ୍ସନ କରିଛି। ତାହାକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ପ୍ରଯୋଜକ ଯଦି ରାଜି ହୁଅନ୍ତି ତେବେ ମୋର ଆଶା ପୂରଣ ହେବ।' ଜାହ୍ନବୀଙ୍କୁ ଆକ୍ସନ ରୋଲ୍‌ରେ ଦର୍ଶକ କେବେ ଦେଖିବେ ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡିବ।


ଜାହ୍ନବୀ

# ସ୍କୁଲ ଯାଉଛନ୍ତି ଅନନ୍ୟା

ଷ୍ଟାର କିଡ୍ ଅନନ୍ୟା ପାଣ୍ଡେ ଏବେ ସ୍କୁଲ ଯାଉଛନ୍ତି। ଏକଥା ଅନେକଙ୍କୁ ହୁଏତ ଆଶ୍ଚର୍ଯ୍ୟ ଲାଗିପାରେ। କିନ୍ତୁ ଏହା ସତ। ତେବେ ସେ ପାଠ ପଢ଼ିବାକୁ ନୁହେଁ, ବରଂ ପାଠ ପଢ଼ାଇବାକୁ ସ୍କୁଲକୁ ଯାଉଛନ୍ତି। ଏହା ପଛରେ ସେପରି କାରଣ ମଧ୍ୟ ରହିଛି। କଥା କ'ଣ କି ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏହି ଅନଟାଇଟଲଡ୍ ଫିଲ୍ମରେ ସେ ଜଣେ ଶିକ୍ଷୟିତ୍ରୀ ଭୂମିକାରେ ଦେଖାଦେବେ। ତେଣୁ ପିଲାମାନଙ୍କୁ କିପରି ପାଠ ପଢ଼ାଇବାକୁ ପଡିବ ସେ ନେଇ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିବାକୁ ସେ ପାଖାପାଖି ଦୁଇ ସପ୍ତାହ ସ୍କୁଲକୁ ଯିବେ। ଏଭଳି ଭୂମିକା ସମ୍ପର୍କରେ ଅନନ୍ୟା କହନ୍ତି, 'ଜଣେ ଶିକ୍ଷୟିତ୍ରୀ ରୋଲ୍‌କୁ ତୁଲାଇବା ଏତେ ସହଜ ନୁହେଁ। ତେଣୁ ସେ ବିଷୟରେ ଭଲ ଭାବରେ ଜାଣିବା ଲାଗି ଏକ ସ୍କୁଲକୁ ମୁଁ ପ୍ରାୟ ଦୁଇ ସପ୍ତାହ ଯିବି। ସେଠାରେ ଶିକ୍ଷକ ଏବଂ ପିଲାମାନଙ୍କ ସହ ମିଶିବି। ଏହି ନୂଆ ଫିଲ୍ମର କାହାଣୀ ଅନୁସାରେ ଜଣେ ଶିକ୍ଷୟିତ୍ରୀ କେତେ କଷ୍ଟ ସ୍ୱୀକାର କରି ନିଜ ପରିବାରକୁ ଚଳାଉଛି। ପୁଣି ତା' ଚଲାପଥରେ କେତେ ବାଧାବିଘ୍ନ ଆସୁଛି ତାହାକୁ ଆଧାର କରି କାହାଣୀ ଆଗେଇଛି। ଏଭଳି ଭୂମିକା ପାଇଁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲିଣି। କେବଳ ସେତିକି ନୁହେଁ, କେତେଜଣ ସ୍କୁଲ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରି ପାଠପଢ଼ାଇବାର ତରିକା ମଧ୍ୟ ଶିଖୁଛି। ଆଶା ରଖିଛି ମୋର ଏହି ଭୂମିକାକୁ ଦର୍ଶକ ପସନ୍ଦ କରିବେ।' ତେବେ ଏଭଳି ଭୂମିକା ଅନନ୍ୟାଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।


ଅନନ୍ୟା



# ଶୁଭ ଦିନକୁ ଅପେକ୍ଷା

ବବି ମିଶ୍ର ଫିଲ୍ମସ୍ ବ୍ୟାନରରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଫେରିଲେ ମୁଁ ତୁମର'। ଏକ ଭିନ୍ନଧରଣ ପ୍ରେମ କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହୋଇଛି। ଏହାର କାହାଣୀ ଅଭିନେତା ବବି ମିଶ୍ର ଲେଖିଥିବା ବେଳେ ତାହାକୁ ଆଧାର କରି ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଏକ ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଏହି ଚିତ୍ରକୁ ନିର୍ମାଣ କରାଯାଇଛି। ଏଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, କମେଡିର ଭରପୁର ତଡ୍‌କା ରହିଛି ବୋଲି କହନ୍ତି ଡ. ରଜନୀ। ଫିଲ୍ମର ମୁଖ୍ୟ ଭୂମିକାରେ ସମ୍ବିତ, ବବି ମିଶ୍ର, ତୃପ୍ତି, ଭାବନା, ପପି ସନ୍ତୁକା ଏବଂ ହରିହର ମହାପାତ୍ର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୁଡ୍‌ଲି ରଥ। ଦେବକାନ୍ତ ମିଶ୍ର ଏହାର ପ୍ରଯୋଜନା କରିଥିବା ବେଳେ ଏକଜୁକ୍ୟୁଟିଭ ପ୍ରଡ୍ୟୁସର ଅଛନ୍ତି ପ୍ରସନ୍ନ ଦ୍ୱିବେଦୀ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ସୁଧାକର ବସନ୍ତ। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛି ତାହା ରିଲିଜ ହେବା ପରେ ହିଁ ଜଣାପଡିବ।

# ସବୁ ଗୁଜବ

ବାଣୀ କପୁରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ହେଲେ କ'ଣ ପାଇଁ ଜାଣନ୍ତି? ସେ କୁଆଡେ ଜଣେ ବିଦେଶୀ ବିଜନେସ୍‌ମ୍ୟାନଙ୍କ ପ୍ରେମରେ ପଡିଯାଇଛନ୍ତି। ହେଲେ ଯେତେବେଳେ ଏହି କଥା ବାଣୀଙ୍କ କାନରେ ବାଜିଲା ସେ ଆଉ ଚୁପ୍ ହୋଇ ବସି ରହିପାରିଲେ ନାହିଁ। ଶେଷରେ ଏ ନେଇ ମୁହଁ ଖୋଲିଛନ୍ତି ଏହି ଅଭିନେତ୍ରୀ। ଏଭଳି ଆଲୋଚନାକୁ ନେଇ ବାଣୀ କହନ୍ତି, 'ମୋତେ ନେଇ ଯେଉଁ ଆଲୋଚନା ହେଉଛି ତା' ପଛରେ କିଛି ସତ୍ୟତା ନାହିଁ। କେହି ମୋତେ ବଦନାମ କରିବାକୁ ଏପରି ଅପପ୍ରଚାର ଚଳାଇଛି। ଯେଉଁ ବିଦେଶୀ ବିଜନେସ୍‌ମ୍ୟାନଙ୍କ ସହ ମୋ ନାମକୁ ଯୋଡାଯାଉଛି ସେ ମୋର ବନ୍ଧୁ। ନିକଟରେ ମୁଁ ସାଇନ୍ କରିଥିବା ନୂଆ ସିନେମା ପାଇଁ ସେ ଫାଇନାନ୍ସ କରୁଛନ୍ତି। ତାଙ୍କ ସହିତ କେବଳ ମୋର ବନ୍ଧୁତା ରହିଛି। ଏହାକୁ ଅନ୍ୟ ଅର୍ଥରେ ଦେଖିବା ଆଦୌ ଠିକ୍ ନୁହେଁ। ଏବେ ମୋର ପ୍ରେମ କରିବାକୁ ସମୟ ନାହିଁ। ବର୍ତ୍ତମାନ ମୁଁ ନିଜ ଆକ୍ଟିଂ କ୍ୟାରିୟର ଉପରେ ଫୋକସ୍ କରୁଛି।' ତେବେ ବାଣୀଙ୍କର ଏହି ପ୍ରେମ କାହାଣୀ ପଛରେ କି ସତ୍ୟତା ଅଛି ତାହା ତାଙ୍କୁ ହିଁ ଜଣା।


ବାଣୀ

# କେବଳ ଅନୁତାପ

କଥାରେ ପରା ଅଛି- 'ବୋହି ଗଲା ପାଣି ଓ ଧନୁରୁ ଖସିଯାଇଥିବା ତୀର କେବେ ଫେରିଆସେନା।' ଦେଖୁନାହାନ୍ତି, ଯେତେବେଳେ ତାଙ୍କୁ ଏହି ଅଫରଟି ମିଳିଲା, ସେଥିରେ ଅଭିନୟ କରିବେ ନାହିଁ ବୋଲି କହି ଏଭଳି ସୁଯୋଗକୁ ହାତଛଡ଼ା କରିଥିଲେ। ହେଲେ କିଛିଦିନ ପରେ ସେ ନିଜ ନିଷ୍ପତ୍ତିକୁ ପୁଣି ଥରେ ତର୍ଜମା କରି ତାହାକୁ ବଦଳାଇବାକୁ ଠିକ୍ କଲେ। ଆଉ ନିଜର ନୂଆ ନିଷ୍ପତ୍ତି ବିଷୟରେ ଯେତେବେଳେ ପ୍ରଯୋଜନା ସଂସ୍ଥାକୁ ଜଣାଇଲେ, ସେତେବେଳେ କିନ୍ତୁ ସବୁକିଛି ଓଲଟ ପାଲଟ ହୋଇ ଯାଇଥିଲା। ହଁ, ଏପରି ସୁଯୋଗ କାହାକୁ ମିଳିଥିଲା ଜାଣନ୍ତି? ରକୁଲ୍ ପ୍ରୀତ ସିଂଙ୍କୁ। ଅଫରଟି ହାତଛଡ଼ା କରିବା ପରେ ଏବେ ତାଙ୍କ ସ୍ଥାନରେ ସୋନାକ୍ଷୀଙ୍କୁ ସାଇନ୍ କରାଯିବାର ଯୋଜନା ରହିଛି। ଏ ନେଇ ରକୁଲ କହନ୍ତି, 'ଅଫରଟି ମିଳିବା ସମୟରେ ମୁଁ ସେଥିରେ ଆକ୍ଟିଂ କରିବି ନାହିଁ ବୋଲି ମନା କରିଦେଇଥିଲି। ହେଲେ ପରେ ଯେତେବେଳେ ସେ ନେଇ ଗଭୀର ଭାବେ ଚିନ୍ତା କରି ପ୍ରଯୋଜନା ସଂସ୍ଥାକୁ ମୋ ବଦଳିଥିବା ନିଷ୍ପତ୍ତି ସମ୍ପର୍କରେ ଜଣାଇଲି, ସେତେବେଳକୁ ସବୁକିଛି ଶେଷ ହୋଇ ଯାଇଥିଲା। ମୁଁ ଅଫରଟିକୁ ହାତଛଡ଼ା କରିବା ପରେ ସେମାନେ ସୋନାକ୍ଷୀଙ୍କୁ ସାଇନ୍ କରାଇ ସାରିଥିଲେ। ଏବେ କେବଳ ମୁଁ ଅନୁତାପ ହିଁ କରୁଛି।'


ରକୁଲ୍ ପ୍ରୀତ

## ପ୍ରଥମ ରୋଜଗାର



ଲେଖିକା ତଥା ଆସିଷ୍ଟାଣ୍ଟ ପ୍ରଫେସର୍ **ଡ. ମାଙ୍ଗଳିକା ମହାପାତ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ୫୦ ବର୍ଷ ପରେ ଚାକିରି କରିଥିଲି

ପ୍ରଥମ ରୋଜଗାର କଥା ଭାବିଲେ ଯେତିକି ଖୁସି ଲାଗେ ସେତିକି ଦେହ ରୋମାଞ୍ଚରେ ଭରିଯାଏ। କାରଣ ପ୍ରଥମ ରୋଜଗାର ମୁଁ କରିଥିଲି ଯେବେ ଜୀବନର ଦ୍ୱିତୀୟ ସୋପାନରେ ପହଞ୍ଚିଥିଲି। ମାନେ ମତେ ୫୦ ବର୍ଷ ଅତିକ୍ରମ କଲା ପରେ ମୁଁ ଚାକିରୀ କ୍ଷେତ୍ରକୁ ଆସିଥିଲି ସେ ପୁଣି ସଂଯୋଗବଶତଃ। ମୋ ବାପା ବୋଉ ଦୁଇଜଣ ଡାକ୍ତର। ବୋଉ ସରକାରୀ ଚାକିରୀ କରୁଥିଲେ ଆଉ ବାପା ପ୍ରାଇଭେଟ୍ କ୍ଲିନିକ୍। କେବଳ ଆମ ଦୁଇ ଭାଇଭଉଣୀଙ୍କ ଯତ୍ନ ନେବାପାଇଁ ବାପା ସରକାରୀ ଚାକିରିକୁ ମନା କରିଥିଲେ। ଛୁଆବେଳୁ ବୋଉଙ୍କୁ ଦେଖିଦେଖି ନିଜେ ବି ଚାକିରୀ କରି ରୋଜଗାର କରିବା କଥା ମନେମନେ ଭାବୁଥିଲି। ହେଲେ ଏମ୍.ଫିଲ୍ ପଢା ସରିବା ପରେ ପରେ ହିଁ ମୋ ବାହାଘର ହେଇଗଲା। ଘର ସଂସାର, ପିଲାଛୁଆଙ୍କ କାମ ଭିତରେ ଚାକିରି କରିବାର ସ୍ୱପ୍ନ ମୋର କୁଆଡ଼େ ଉଭେଇଗଲା। କିନ୍ତୁ ପଢାର ସଉକ ଥିବାରୁ ସବୁ କାମ ଭିତରେ ବି ସମୟ ବାହାର କରି ପରିବେଶ ବିଜ୍ଞାନରେ ପି.ଏଚ୍.ଡି କରିବାକୁ ପ୍ରସ୍ତୁତ ହେଉଥିଲି। ୨୦୧୨ରେ ଡକ୍ଟରେଟ୍ ଡିଗ୍ରୀ ପାଇଲି। ହେଲେ ପିଲାଙ୍କର ପଢା ସରି ନଥିବାରୁ ଚାକିରି କଥା ଭୁଲି ପୁଣି ସେମାନଙ୍କ କଥା ବୁଝିବାରେ ନିଜକୁ ହଜାଇ ଦେଲି। ଏମିତି କିଛି ବର୍ଷ ଯିବା ପରେ ୨୦୧୮ରେ ହଠାତ୍ ଦିନେ ସ୍ୱାମୀ ଗୋଟେ ଫର୍ମ ଆଣି କହିଲେ, ରେଭେନ୍ସା କଲେଜରେ ଅଧାପକ ପୋଷ୍ଟ ପାଇଁ ଇଣ୍ଟରଭ୍ୟୁ ବାହାରିଛି, ଏହି ଫର୍ମ ଫିଲପ୍ କରି ପକେଇଦିଅ। ସେଦିନ ଖୁବ୍ ଖୁସି ହେଇଥିଲି। କାରଣ ଯେଉଁ କଲେଜର ଛାତ୍ରୀ ଥିଲି, ସେଇ କଲେଜର ଅଧାପିକା ହେବାର ସୌଭାଗ୍ୟ ଯେ କେବେ ପାଇବି, ସେ କଥା ଆଦୌ ଚିନ୍ତା କରି ନଥିଲି। ଭଗବାନଙ୍କ ଆଶୀର୍ବାଦ ଭାବି ଇଣ୍ଟରଭ୍ୟୁ ଦେଇ କୃତକାର୍ଯ୍ୟ ହେଇ ଚାକିରୀରେ ଯୋଗଦେଲି। ସେଇ ଭିତରେ ମୋର ଇଚ୍ଛା ହେଲା ଓଡ଼ିଆରେ ଏମ୍.ଏ. କରିବାକୁ। ଯେହେତୁ ଓଡ଼ିଆ ସାହିତ୍ୟ ପ୍ରତି ପିଲାବେଳୁ ଦୁର୍ବଳତା ଥିଲା, ତେଣୁ କଲେଜରେ ପଢାଇବା ସହିତ ନିଜେ ଓଡ଼ିଆ ଏମ୍.ଏ.ରେ କ୍ଲାସ୍ କରୁଥିଲି। ଏକକାଳୀନ ଅଧାପିକା ଓ ଛାତ୍ରୀ ଦୁଇଟିଯାକ ଭୂମିକା ତୁଲେଇବାକୁ ପଡୁଥିଲା। ମାସେ ପରେ ଯେଉଁଦିନ ପ୍ରଥମ ଦରମା ହାତରେ ଧରିଲି, ସେଦିନ ପ୍ରଥମେ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ମାରିଥିଲି। ତା’ପରେ ଘରକୁ ଯାଇ ଶାଶୁ ଶ୍ୱଶୁରଙ୍କୁ ମୁଣ୍ଡିଆ ମାରିଥିଲି। ଶାଶୁ ସ୍ନେହରେ ଆଉଁସି ଦେଇ କହିଲେ, ‘‘ଯା, ଠାକୁରଙ୍କ ପାଦତଳେ ଆଗେ ଦରମା ଟଙ୍କା ରଖିଦେ, ପରେ ଯାହା କରିବୁ।’’ ତାଙ୍କ କଥା ମାନି ଠାକୁରଙ୍କ ପାଖେ ଟଙ୍କାଟିକୁ ରଖି ମୁଣ୍ଡିଆ ମାରିଥିଲି। ତା’ସହିତ ମୋ ବାପା, ବୋଉଙ୍କ ଉଦ୍ଦେଶ୍ୟରେ ବି ସେଇଠି ମୁଣ୍ଡିଆ ମାରିଥିଲି। କାରଣ ମୋ ସଫଳତା ପଛରେ ସେମାନଙ୍କର ମଧ୍ୟ ଆଶୀର୍ବାଦ ରହିଥିଲା। ତା’ପରେ ସେହି ଦରମା ଟଙ୍କାରେ ଘରର ସମସ୍ତଙ୍କ ପାଇଁ କିଛି ନା କିଛି ଉପହାର ଆଣି ଦେଇଥିଲି। ସମସ୍ତେ ବହୁତ ଖୁସି ହେଇଥିଲେ। ଖାସ୍‌କରି ମୋ ଝିଅ ଓ ସ୍ୱାମୀ। ବାସ୍ ସେ ଦିନରୁ ଆଉ ପଛକୁ ଫେରି ଚାହିଁନି। ଅଧାପନା ସହିତ କ୍ରମେ କବିତା, ପ୍ରବନ୍ଧ ଓ ଗଳ୍ପ ଆଦି ଲେଖିଲି। ଯା’ଭିତରେ ମୋର ଦୁଇଟି କବିତା ପୁସ୍ତକ ମଧ୍ୟ ଲୋକାର୍ପଣ ହୋଇସାରିଛି। ତା’ସହିତ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ତରଫରୁ ଲେଖିକା ଭାବେ ମୋତେ ଅନେକ ସମ୍ମାନ ବି ମିଳିଛି। ତେଣୁ ମୋ ମତରେ, ବୟସ କେବେ କୌଣସି କାର୍ଯ୍ୟ କରିବାରେ ବାଧକ ସାଜେନି, ଖାଲି କିଛି କରିବାର ମନୋବୃତି ଥିଲେ ହେଲା।

# ମନମୋହିନୀ, ସୁନାହରିଣୀ ନିଇତି ଲେଖୁଛି ନୂଆ ପ୍ରେମ କାହାଣୀ

**ସାଥୀ**



**ପ୍ରଶ୍ନ**–ମୋ ସପନ ରାଇଜରେ ସ୍ୱପ୍ନ ସୁନ୍ଦରୀ ଘୁରି ବୁଲୁଛି। ହେଲେ ସେ କେବେ ମୋ ମନର ରାଣୀ ସାଜିବ କହିବେ କି ସାଥୀ ?
*–ତନ୍ମୟ ରାଉତ, ଖୋର୍ଦ୍ଧା*

**ଉତ୍ତର:** କଥାରେ ଅଛି ଅପେକ୍ଷା ଫଳ ମିଠା। ହେଲେ ସବୁବେଳେ ଯଦି ଏମିତି ସପନ ରାଇଜରେ ଘୁରି ବୁଲିବେ ତେବେ ଆପଣଙ୍କ ପ୍ରେମ ସେମିତି ସ୍ୱପ୍ନରେ ହିଁ ରହିଯିବ। ‘ମନମୋହିନୀ, ସୁନାହରିଣୀ, ନିଇତି ଲେଖୁଛି ନୂଆ ପ୍ରେମ କାହାଣୀ’। ତେଣୁ ବାସ୍ତବ ଦୁନିଆକୁ ଆସି ଏମିତି ପ୍ରେମିକାଟିଏ ଖୋଜନ୍ତୁ ଯେମିତି ସେ ଆପଣଙ୍କୁ ଛାଡି କୁଆଡେ ଯିବ ନାହିଁ।

**ପ୍ରଶ୍ନ**–ମୋ ପ୍ରେମିକା କଥା ଭାବି ଭାବି ଦିନ ବିତି ଯାଉଛି। ହେଲେ ମୋର ଏହି ଅଧା ସପନ କେବେ ପୂରଣ ହେବ ଜାଣିପାରୁନାହିଁ। କ’ଣ କରିବି ?
*–ଉଦୟ ଦାସ, ଢେ଼ଙ୍କାନାଳ*

**ଉତ୍ତର:** ଧାଡି ନ ମାନି ଆପଣ ପ୍ରେମରେ ବହୁ ଦୂରକୁ ଉଡି ଯାଇଛନ୍ତି। ପ୍ରେମର ନିଶା ଥରେ ଘାରିଲେ ଭଲ ମନ୍ଦ ଜଣାପଡି ନ ଥାଏ। କିନ୍ତୁ ଏହି ରାସ୍ତାରେ ପାଦ ଦେବା ପୂର୍ବରୁ ପ୍ରତିଟି କଥାକୁ ଆଦୌ ହାଲ୍‌କା ଭାବରେ ନିଅନ୍ତୁ ନାହିଁ। ଯାହାକୁ ମନକୁ ମନ ଭଲ ପାଇ ବସିଛନ୍ତି ତା’ କଥା ଭାବି ଦିନ ବିତିଯାଉଛି। ତେଣୁ ସେହି ଭାବନା ରାଇଜରୁ ଯେତେ ଶୀଘ୍ର ନିଜକୁ ଦୂରେଇ ନିଅନ୍ତୁ। ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା’ ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ମନ ମାନିଲା ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ। ପାଣିପାଗ ଯଦି ଠିକ୍ ରହେ, ତେବେ ଆପଣଙ୍କ ମନ ଥୟ ହୋଇଯିବ ଏବଂ ତା’ପରେ କେବଳ ଧାଡି ଦେଖି ମାଡିଯିବା କଥା।

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ ଅନେକ ଝିଅ ଲାଜ କରନ୍ତି କାହିଁକି ?
*–ପ୍ରସନ୍ନ କୁମାର, ପୁରୀ*

**ଉତ୍ତର:** ଲାଜେଇ ଝିଅର ଆଖିରେ ପ୍ରେମ ଭରି ରହିଥାଏ। ‘ଲାଜୁଆ ଆଖିର ଭିତିରି କଥା ଘଡିକେ ଘୁରାଇ ଦିଅଇ ମଥା’। ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା’ ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**–ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି। ସେ ସିନା ମୋତେ ଧୋକା ଦେଇ ଚାଲି ଗଲା, ହେଲେ ସେ ମୋ ମନରେ ସବୁଦିନ ରହିବ। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?
*–ବିକାଶ ସାହୁ, କଟକ*

**ଉତ୍ତର:** ଗୋଟିଏ ପଟେ ଲେଖିଛନ୍ତି ଯେ ପ୍ରଥମ ପ୍ରେମକୁ ଭୁଲି ପାରୁନି। ସେପଟେ ପୁଣି ଥରେ ପ୍ରେମ ନଈରେ ଡୁବ ପକାଇବାକୁ ମନ ଉତାବିଳା ହେଲାଣି। ଏପରି ଦୁଇ ନାଆରେ ଗୋଡ ଦେଲେ କିଛି ଲାଭ ହେବ ନାହିଁ। ପ୍ରଥମେ ନିଜ ମନକୁ ନିର୍ମଳ ରଖନ୍ତୁ। ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହ ମନ ଭିତରେ ସେମିତି ଧୁକୁ ଧୁକୁ ହୋଇ ଜଳୁଥିବ ଆଉ ତାହାର ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।

**ପ୍ରଶ୍ନ**–ଜଣେ ସାଙ୍ଗ କଥାରେ ପଡି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?
*–ବିଜୟ କୁମାର, ଯାଜପୁର*

**ଉତ୍ତର:** ସାଙ୍ଗ ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମନା କରିବାକୁ ପଡିଥାଏ। ଆପଣଙ୍କ ସାଙ୍ଗର ସଜେସନ୍‌କୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି। କଥାରେ ଅଛି ‘ଗତସ୍ୟ ଶୋଚନା ନାସ୍ତି’। ତେଣୁ ସେପରି ପ୍ରେମକୁ ଯେତେ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !

# ସାହିତ୍ୟ ମୋ ପ୍ରେମ ଓ ବଞ୍ଚିବାର ଆଶ୍ରା



**ମୁଁ ଲେଖେ ନାହିଁ, ମୋ ଦ୍ୱାରା ଲେଖା ହୁଏ। ଲାଗେ ଯେମିତି ଗଳ୍ପ ଲେଖିଲା ବେଳେ କିଛି ଗୋଟେ ଅଦୃଶ୍ୟ ସତ୍ତା ମୋତେ ଆକ୍ରାମାକ୍ରା କରେ। ସେତେବେଳେ ମୋ ଭିତରେ ମୁଁ ହୋଇ ରହେ ନାହିଁ...**







ସ୍କୁଲ ବୟସରୁ ସେ ବିଭିନ୍ନ ଘଟଣାକୁ ନେଇ ଗପ ଲେଖିବା ଆରମ୍ଭ କରିଥିଲେ । ଯାହା ତାଙ୍କୁ ସମୟକ୍ରମେ ଜଣେ ଭଲ ସାହିତ୍ୟିକାର ପରିଚୟ ଦେଲା। ଅଧ୍ୟାପିକା ଭାବେ ଶିକ୍ଷାଦାନକୁ ସେ ବୃତ୍ତିଭାବେ ଗ୍ରହଣ କରିଥିବା ବେଳେ ଗଳ୍ପ ଓ ଉପନ୍ୟାସ ଲେଖିବାର ନିଶା ତାଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ। ସେ ହେଲେ ମହାଶ୍ୱେତା ସାହୁ। ମାତା–ଚିତ୍ରରେଖା ସାହୁ, ପିତା–ବିଦ୍ୟାଧର ସାହୁ। ବର୍ତ୍ତମାନ ସେ ରାଉରକେଲା ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗରେ ଅଧ୍ୟାପିକା। ସେ କୁହନ୍ତି, ଲକ୍ଷ୍ମୀଧର ମ୍ୟୁନିସିପାଲ ଉଚ୍ଚବିଦ୍ୟାଳୟରୁ ସ୍କୁଲ ଶିକ୍ଷା ପରେ ରମାଦେବୀ ମହିଳା ମହାବିଦ୍ୟାଳୟରୁ ସ୍ନାତକ ଓ ପରେ ଓଡ଼ିଆ ଭାଷା ସାହିତ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ହାସଲ କରିଥିଲି। କିନ୍ତୁ ୯ମ ଶ୍ରେଣୀରେ ପଢୁଥିବା ବେଳେ ମୋର ପାରିପାର୍ଶ୍ୱିକ ପରିସ୍ଥିତି ମୋତେ ଲେଖାଲେଖି ପାଇଁ ପ୍ରେରଣା ଦେଇଥିଲା। ସତକଥା କହିଲେ ମୁଁ ଲେଖେ ନାହିଁ, ମୋ ଦ୍ୱାରା ଲେଖା ହୁଏ। ଲାଗେ ଯେମିତି ଗଳ୍ପ ଲେଖିଲା ବେଳେ କିଛି ଗୋଟେ ଅଦୃଶ୍ୟ ସତ୍ତା ମୋତେ ଆକ୍ରାମାକ୍ରା କରେ। ସେତେବେଳେ ମୋ ଭିତରେ ମୁଁ ହୋଇ ରହେ ନାହିଁ। ୧୯୯୪ ମସିହାରୁ ମୋର ସାହିତ୍ୟ ସାଧନା ଆରମ୍ଭ। ୨୦୦୦ମସିହାରେ ସୁଚରିତାକୁ ପ୍ରଥମେ ଗୋଟିଏ ଗଳ୍ପ 'ରୀନା' ଦେଇଥିଲି। ତାହା ପୂଜା ସଂଖ୍ୟାରେ ପ୍ରକାଶିତ ହୋଇଥିଲା। ଏହି ଲେଖାକୁ ନେଇ ପଦ୍ମଶ୍ରୀ ରମାକାନ୍ତ ରଥ ଏକ ଚିଠି ଦେଇଥିଲେ। ଯେଉଁଥିରେ ମୁଁ ବହୁତ ଉତ୍ସାହିତ ହୋଇଥିଲି। ପୁଣି ଗଳ୍ପକୁ ନେଇ ଏକ ପୁରସ୍କାର ପାଇବାର ଦୁଇଦିନ ପୂର୍ବରୁ ଗାଳ୍ପିକ ବିଜୟକୃଷ୍ଣ ମହାନ୍ତି ମୋତେ ଦେଖିବାକୁ ଚାହିଁଲେ ମୁଁ କିଏ ? ସେତେବେଳକୁ ସେ ଜାଣନ୍ତି ନାହିଁ ଯେ ମୁଁ ଜଣେ ଛାତ୍ରୀ ବୋଲି କିନ୍ତୁ ତାଙ୍କୁ ଯେତେବେଳେ ଭେଟିବାକୁ ଗଲି ସେ ତାଙ୍କ ଚେୟାରରୁ ଉଠି ଆସି ମୋ ହାତ ଧରି ଭୋ...ଭୋ ହୋଇ କାନ୍ଦି ପକାଇଥିଲେ। କୋହ ଓ ବାଷ୍ପରୁଦ୍ଧ କଣ୍ଠରେ କହିଲେ ସତ କହିଲ ମା' ରୀନା କ'ଣ ଫେରାଇ ନେବନି ...। ଜାଣ ମୋ ଘରେ ରୀନା ଗୋଟେ ଅଛି। ସେଦିନ ତାଙ୍କର ଲୁହ ଦେଖି ମୋ ଲୁମ ଟାଙ୍କୁରି ଯାଇଥିଲା। ସେ କହିଲେ ଏ ଗପ ଚୟନ କରିବା ବେଳେ ପଢି ବହୁତ କାନ୍ଦିଲି। ପରେ ବ୍ରହ୍ମୋତ୍ରୀ ମହାନ୍ତି, ତାଙ୍କ ପତ୍ନୀ ମଧ୍ୟ କହିଲେ ଏହି ଗପ ପଢି ମୁଁ କାନ୍ଦି ପକାଇଲି। ତେବେ ପ୍ରତ୍ୟୁତ୍ତରରେ ମୁଁ କ'ଣ କହିବି ଜାଣିପାରି ନ ଥିଲି। ଏହାଥିଲା ମୋ ଗଳ୍ପ ଲେଖାର ସ୍ୱତନ୍ତ୍ରତା । ଏଯାଏ ପ୍ରାୟ ଶତାଧିକ ଗଳ୍ପ ଲେଖିସାରିଲିଣି। ଗଳ୍ପ ନେଇ ପ୍ରକାଶିତ ହୋଇଥିବା ପୁସ୍ତକ ମଧ୍ୟରେ–ବିଶାଦ ବୃତ୍ତର ରାଜପୁତ୍ର, ପ୍ରେମିକା, ଅବ୍ୟକ୍ତ ନୀରବତା, ପୁନଶ୍ଚ ବଳୀଦତ୍ତ, ଏବଂ ଅବଶିଷ୍ଟ, ଯେତେସବୁ ପାରିପାର୍ଶ୍ୱିକ ଆଦି ଅନ୍ତର୍ଭୁକ୍ତ। କବିତାରେ ମାଟିର ଝରକା, ଉପନ୍ୟାସ ମଧ୍ୟରେ– ଦର୍ପଣର ଛାଇ, ପାପୁଲିଏ କ୍ଷତ, ରକ୍ତଝୋଟି, ଅନ୍ଧାରର ଇନ୍ଦ୍ରଧନୁ, ସିଲହଟ୍‌ରେ ସକାଳ, ଈଶ୍ୱର ମରି ଯିବାପରେ, ମର୍ଡର, ମଗ୍ନ ମାଟିର ବାସ୍ନା, ଧୂସର ଯନ୍ତ୍ରଣା ଆଦି ରହିଛି । ସେହିପରି ପ୍ରବନ୍ଧଭାବେ– ସାହିତ୍ୟ ମନୀଷା, ପ୍ରତିଯୋଗିତା ଓଡ଼ିଆ ଭାଷା ସାହିତ୍ୟ ଓ ବ୍ୟାକରଣ ଆଦି ରହିଛି।


ସାହିତ୍ୟ ସାଧନା ପାଇଁ ମୋତେ ରବି ପଟ୍ଟନାୟକ ସ୍ମୃତି ଗଳ୍ପ ପୁରସ୍କାର, ଓଡ଼ିଶା ବହିମେଳା ୪ର୍ଥ ଗାଳ୍ପିକ ପୁରସ୍କାର, ଲେଖାଲେଖି ଯୁବ ଗାଳ୍ପିକ ପୁରସ୍କାର, ଦୁର୍ଗାମାଧବ ସ୍ମୃତି ଗଳ୍ପ ସମ୍ମାନ, କାଦମ୍ବିନୀ ଗଳ୍ପ ଉନ୍ମେଷ ପୁରସ୍କାର, ଗିରିଜା ଶଙ୍କର ପ୍ରବନ୍ଧ ସ୍ମୃତି ପୁରସ୍କାର, ସୁଚିତ୍ରା ସମ୍ମାନ, କଳିଙ୍ଗ ଲିଟରାରି ଯୁବପୁରସ୍କାର, କଥାକଳିକା ଯୁବ ଗାଳ୍ପିକ ଆଦି ଅନେକ ପୁରସ୍କାର ଓ ସମ୍ମାନ ମିଳିଛି।

ସାହିତ୍ୟ ମୋ ପାଇଁ ସହଜାତ, ପ୍ରେମ ଓ ବଞ୍ଚିବାର ଆଶ୍ରା। ନିଜକୁ ଏଥିରେ ହଜାଇବା ବେଳେ ସାହିତ୍ୟ ମୋତେ ଖୋଜି ଆଣିଛି ତା' ଆଡ଼କୁ।

**–ବନବିହାରୀ ବେହେରା।**






# ଦଶହରାରେ ପାଇକଙ୍କ ସଜବାସ

ଦଶହରା ସମୟରେ ପାଇକଙ୍କ ପାରମ୍ପରିକ ଅସ୍ତ୍ରଶସ୍ତ୍ରକୁ ସ୍ୱତନ୍ତ୍ର ବିଧିରେ ପୂଜାର୍ଚ୍ଚନା କରାଯାଇଥାଏ। ଏ ସମ୍ପର୍କରେ ପୁରୀ ଜିଲା ବ୍ରହ୍ମଗିରି କୋଠ ସାହିର ପାଇକଗୁରୁ ଗଙ୍ଗାଧର ସୁନ୍ଦରାୟ କୁହନ୍ତି, 'ଅନ୍ୟଦିନ ଅପେକ୍ଷା ଦଶହରା ସମୟରେ ପାଇକପୁଅ ସ୍ୱତନ୍ତ୍ରଭାବେ ଗ୍ରାମର ବିଭିନ୍ନ ଦେବଦେବୀଙ୍କ ପୀଠରେ ଶକ୍ତିଙ୍କୁ ଆରାଧନା କରି ଘରେ ସାଇତା ହୋଇରହିଥିବା ପାରମ୍ପରିକ ଅସ୍ତ୍ରଶସ୍ତ୍ରକୁ ପୂଜାରେ ବସାଇଥାଆନ୍ତି। ଖୋର୍ଦ୍ଧାର ତାପଙ୍ଗଗଡ଼ର ଆରାଧ୍ୟା ଦେବୀ ମା'ହସ୍ତେଶ୍ୱରୀ(ହାତିଆ ଠାକୁରାଣୀ)ଙ୍କ ପୀଠରେ ଯେପରି ପାଇକ ଦଳବେହେରାଙ୍କ ଦ୍ୱାରା ଷୋଳପୂଜା ସହ ପାରମ୍ପରିକ ରୀତିନୀତିରେ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ବିଭିନ୍ନ ଦେବୀପିଠମାନଙ୍କରେ ସ୍ୱତନ୍ତ୍ର ଭାବେ ପୂଜା କରାଯାଇଥାଏ। ଏହାଛଡା ବିଭିନ୍ନ ଗଡ଼ଜାତ ଅଞ୍ଚଳରେ ସ୍ଥାପନା ହୋଇଥିବା ଦେବଦେବୀ ପୀଠ ସହ ନିଜ ଘରର ଇଷ୍ଟଦେବୀଙ୍କ ନିକଟରେ ବି ପୂଜା କରାଯାଏ। ପାଇକ ଦଳ ସଂଗଠକ ସୁବାସ ଚନ୍ଦ୍ର ଜେନା କୁହନ୍ତି, 'ଦଶହରା ବେଳେ ବିଶେଷକରି ଯୁଦ୍ଧରେ ବ୍ୟବହୃତ ଅସ୍ତ୍ରଶସ୍ତ୍ରକୁ ପାଇକମାନେ ସଜବସା ପୂର୍ବରୁ ଖଣ୍ଡାଘଷା ପଥରରେ ଘଷି, କିଆ କତାରେ ମାଜି ପରିଷ୍କାର କରିଥାନ୍ତି। ପୂଜା ବେଳେ ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକରେ ସିନ୍ଦୂର, କଜଳ, ଫୁଲ ଚନ୍ଦନ, ହଳଦୀ ଲଗାଇ ସାଲୁକନା ବାନ୍ଧି ଦୀପ ପ୍ରଜ୍ୱଳନ କରାଯିବା ସହିତ ପୂର୍ଣ୍ଣକଳସ ସ୍ଥାପନ କରାଯାଇ ହୋମଯଜ୍ଞର ଆୟୋଜନ କରାଯାଇଥାଏ। ଘରର ଗୃହିଣୀମାନେ ଏହି ପୂଜାରେ ଅସ୍ତ୍ରଶସ୍ତ୍ରକୁ ବନ୍ଦାପନା କରିଥାନ୍ତି। ତେବେ କେତେକ ପାରମ୍ପରିକ ବାଦ୍ୟଯନ୍ତ୍ରକୁ ମଧ୍ୟ ସଜ ବସା ଯାଇଥାଏ। ପୂଜାରୁ ଅସ୍ତ୍ରଶସ୍ତ୍ର ସଜକୁ ଉଠିଲା ପରେ ପାଇକଗୁରୁ ଦଶହରା ଅନୁକୂଳଭାବେ ଦେବଦେବୀଙ୍କ ପୀଠ କିମ୍ବା ଆଖଡ଼ା ସ୍ଥାନରେ ସମରକଳା ପ୍ରଦର୍ଶନ କରିଥାନ୍ତି।




## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ଗଣିତ ଭାଷା

ମିଟୁ ଶିକ୍ଷକଙ୍କୁ: ସାର୍, ଆମେ ହିନ୍ଦୀ, ଇଂରାଜୀ, ଓଡ଼ିଆ ଭଳି ଭାଷାରେ କଥା ହେଉ। କିନ୍ତୁ କେବେ ଗଣିତ ଭାଷାରେ କଥା କାହିଁକି ହେଉ ନ ଥାଉ?

ଶିକ୍ଷକ: ବେଶି ୩–୫ ହଅନା। ୯–୨–୧୧ ହଇଯା'। ନହେଲେ ୫–୭ଟା କଷିକି ଦେବି ଯେ ୬ଟା ୩୬ ଦେଖାଯିବ। ଆଉ ତୋର ୩୨ଟା ଯାକ ଖସି ପଡ଼ିବ।

ମିଟୁ: ବାସ୍ ସାର୍, ବୁଝିଗଲି। ଆମେ ଖାଲି ହିନ୍ଦୀ, ଇଂରାଜୀ, ଓଡ଼ିଆରେ କଥା ହେବା। ଗଣିତ ଭାଷା ତ ବହୁତ ଖତରନାକ୍।

## ଟିପ ଚିହ୍ନ

ରାଜୁ ରିପୋର୍ଟ କାର୍ଡ ଆଣି ବାପାଙ୍କୁ ଦେଖାଇଲା। ରିପୋର୍ଟ କାର୍ଡ ଦେଖିବା ପରେ ବାପା ସିଗ୍ନେଚର କରିବା ଜାଗାରେ ଟିପ ଚିହ୍ନ ଦେଲେ। ଏହା ଦେଖି ରାଜୁ: ବାପା, ଇଏ କ'ଣ ଆପଣ ଏତେ ବଡ଼ ଅଫିସର ହେଇ ଟିପ ଚିହ୍ନ ଦେଉଛନ୍ତି?

ବାପା: କ'ଣ ଆଉ କରିବି ତୁ ଯେମିତିଆ ମାର୍କ ଆଣିଛୁ, ମୁଁ ଉଚ୍ଚଶିକ୍ଷିତ ବୋଲି ତୋ ସାର୍ ନ ଜାଣିବା ଭଲ।

## ରୋଗ

ବ୍ୟକ୍ତି ଡାକ୍ତରଙ୍କୁ: ଆଜ୍ଞା, ମୋର କି ରୋଗ ହେଇଛି କେଜାଣି ଖାଇବା ପରେ ଭୋକ ହେଉନି। ପିଇବା ପରେ ଶୋଷ ହେଉନି, ଶୋଇକି ଉଠିବା ପରେ ନିଦ ହେଉନି। ଆଉ କାମ କଲାପରେ ହାଲିଆ ଲାଗୁଛି।

ଡାକ୍ତର: ବହୁତ ଗମ୍ଭୀର ରୋଗ ହେଇଛି ତୁମର। ଭଲ ହେବାର ଗୋଟିଏ ମାତ୍ର ଉପାୟ ଅଛି।

ବ୍ୟକ୍ତି: କି ଉପାୟ?


ଡାକ୍ତର: ଗୋଟେ କାମ କର, ସାରା ରାତି ଖରାରେ ବସ। ଜଲ୍ଦି ଠିକ୍ ହେଇଯିବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ–କ୍ରିଏଟିଭ ଫଟୋଗ୍ରାଫୀ



# ମାତା ମନସା ଦେବୀ ମନ୍ଦିର





**ମନସା ଦେବୀଙ୍କୁ ସମର୍ପିତ ଏହି ମନ୍ଦିରଟି ହରିୟାଣାର ଏକ ପ୍ରମୁଖ ଦେବୀ ମନ୍ଦିର। ମା'ଙ୍କ ମହିମା ସାଙ୍ଗକୁ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଶାନ୍ତ ବାତାବରଣ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ସେଥିପାଇଁ ପ୍ରାୟତଃ ଏଠାରେ ଆଗନ୍ତୁକଙ୍କର ଭିଡ଼ ପରିଲକ୍ଷିତ ହୁଏ...**

ହରିୟାଣାର ପଞ୍ଚକୁଲା ଜିଲା ଅନ୍ତର୍ଗତ ବିଳାସପୁର ନାମକ ଏକ ଗାଁ ନିକଟରେ ରହିଛି ମାତା ମନସା ଦେବୀଙ୍କ ମନ୍ଦିର। ମନସା ଦେବୀଙ୍କୁ ସମର୍ପିତ ଏହି ମନ୍ଦିରଟି ଉତ୍ତର ଭାରତର ଏକ ପ୍ରମୁଖ ଶକ୍ତି ମନ୍ଦିର ଭାବେ ବେଶ୍ ଲୋକପ୍ରିୟତା ହାସଲ କରିପାରିଛି। ପ୍ରାୟ ୧୦୦ ଏକର ପରିସୀମା ବିଶିଷ୍ଟ ଅଞ୍ଚଳ ଉପରେ ଗଢ଼ି ଉଠିଥିବା ଏହି ଆଧ୍ୟାତ୍ମିକ ପୀଠଟିର ଆକର୍ଷଣୀୟ ପ୍ରାକୃତିକ ପରିବେଶ ତଥା ଶାନ୍ତ ବାତାବରଣ ଭକ୍ତଗଣଙ୍କ ସମେତ ଶାନ୍ତିପ୍ରିୟ ପର୍ଯ୍ୟଟକଙ୍କୁ ବି ଖୁବ୍ ଆକୃଷ୍ଟ କରିଥାଏ।

### ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଏହି ମନ୍ଦିରର ନିର୍ମାଣ କୁଆଡ଼େ ମଣି ମାଜରାର ମହାରାଜା ଗୋପାଳ ଦାସ ସିଂଙ୍କ ଦ୍ୱାରା ୧୮୧୧ରୁ ୧୮୧୫ ମସିହା ଭିତରେ କରାଯାଇଥିଲା। କିନ୍ତୁ ସମୟକ୍ରମେ ଏହି ମନ୍ଦିରର ରକ୍ଷଣାବେକ୍ଷଣକୁ ନେଇ ଏକ ବୋର୍ଡ କମିଟି ଗଠନ କରାଯାଇଥିଲା। ଆଉ ସେବେଠାରୁ ଏହି କମିଟି ମନ୍ଦିରର ସବୁ ଭଲମନ୍ଦ କଥା ବୁଝି ଆସୁଛି।

### ବାସ୍ତୁକଳା

ମାତା ମନସା ଦେବୀଙ୍କ ମନ୍ଦିରର ବାସ୍ତୁକଳା ବି ଖୁବ୍ ଆକର୍ଷଣୀୟ ଲାଗିଥାଏ। ବିଶେଷକରି ଏହି ମନ୍ଦିରର କାନ୍ଥ ଓ ଛାତରେ ହୋଇଥିବା ହାଲୁକା ପୁଷ୍ପ ଡିଜାଇନ୍ ବେଶ୍ ଆଖିଦୃଶିଆ ଲାଗେ। ଏଠାରେ ପୂଜା ପାଉଥିବା ମନସା ଦେବୀ ଖୁବ୍ ପ୍ରତ୍ୟକ୍ଷା। ତେଣୁ ନିଜ ନିଜର ମନୋସ୍କାମନା ପୂରଣ କରିବା ପାଇଁ ଏଠାକୁ ଭକ୍ତଗଣ ଧାଇଁ ଆସିଥାନ୍ତି। ତେବେ ଏହି ମନ୍ଦିରରେ ମାତା ମନସା ଦେବୀଙ୍କ ବ୍ୟତୀତ ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଆସ୍ଥାନର ବ୍ୟବସ୍ଥା ରହିଛି।

### ନବରାତ୍ରି ମେଳା

ଏଠାକାର ମୁଖ୍ୟ ଆକର୍ଷଣ ହେଉଛି ନବରାତ୍ରି ମେଳା, ଯାହା ବର୍ଷରେ ଦୁଇଥର ଏଠାରେ ପାଳନ କରାଯିବାର ବିଧି ରହିଛି। ଗୋଟେ ହେଉଛି ଚୈତ୍ର ମାସରେ ଅନ୍ୟଟି ହେଉଛି ଆଶ୍ୱିନ ମାସରେ। ଏହି ଦୁଇ ନବରାତ୍ରି ସମୟରେ ଏଠାରେ ବିଶେଷ ପୂଜାପାଠ ତଥା ମେଳା ମହୋତ୍ସବର ଆୟୋଜନ କରାଯାଇଥାଏ ; ଯାହାକୁ ଦେଖିବାକୁ ଦେଶର ବିଭିନ୍ନ ସ୍ଥାନରୁ ଆଗନ୍ତୁକମାନେ ଏଠାକୁ ଆସିଥାନ୍ତି। କେବଳ ସେତିକି ନୁହେଁ, ଦଶହରା ପୂଜା ବି ଏଠାରେ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଏହି ଅବସରରେ ମା'ଙ୍କର ସ୍ୱତନ୍ତ୍ର ବେଶଭୂଷା ଦେଖିବାକୁ ମିଳିଥାଏ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ ନବରାତ୍ରି ସମୟରେ ଏଠାକୁ ବୁଲିଗଲେ କିଛିଟା ଭିନ୍ନ ଅନୁଭୂତି ମିଳିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ସୁବିଧା ରହିଛି। ଏହି ମନ୍ଦିରର ନିକଟତମ ମୁଖ୍ୟ ବିମାନବନ୍ଦର ଓ ରେଳପଥ ହେଉଛି ଚଣ୍ଡିଗଡ଼।

### କିଛି ଜାଣିବା କଥା

* ଭକ୍ତଗଣଙ୍କ ଦର୍ଶନ ନିମନ୍ତେ ମା'ଙ୍କର ଏହି ମନ୍ଦିରଟି ଭୋର୍ ୫ଟାରୁ ରାତି ୧୦ଟା ଯାଏଁ ଖୋଲା ରହିଥାଏ। କିନ୍ତୁ ନବରାତ୍ରି ସମୟରେ ଦର୍ଶକଙ୍କ ଭିଡ଼କୁ ଦେଖି ଦର୍ଶନ ସମୟକୁ ଟିକେ ବଢ଼ାଇ ଦିଆଯାଇଥାଏ।
* ଦର୍ଶନ ନିମନ୍ତେ ପ୍ରବେଶ ଶୁଳ୍କ ଏଠାରେ ପଡ଼େନାହିଁ।
* କିନ୍ତୁ ଗହଳି ସମୟରେ ଏଠାରେ ପକେଟ୍‌ମାର୍ ହେବାର ସମ୍ଭାବନା ଥାଏ। ତେଣୁ ନିଜ ଜିନିଷ ପ୍ରତି ସତର୍କ ରହିବା ଜରୁରୀ।
* ଯଦି ଏଠାରେ କୌଣସି ଭକ୍ତ ଦିନେ ଦୁଇଦିନ ରହିବାକୁ ଚାହାନ୍ତି, ତା'ହେଲେ ଏଠାରେ ସ୍ୱତନ୍ତ୍ର ପର୍ଯ୍ୟଟକ ବିଶ୍ରାମ ଗୃହର ମଧ୍ୟ ବ୍ୟବସ୍ଥା ରହିଛି।

### ନିକଟବର୍ତ୍ତୀ ପର୍ଯ୍ୟଟନସ୍ଥଳୀ

ମାତା ମନସା ଦେବୀଙ୍କ ମନ୍ଦିରର ନିକଟବର୍ତ୍ତୀ ଅଞ୍ଚଳରେ ଆଉ କିଛିଟା ଦର୍ଶନୀୟ ସ୍ଥାନ ବି ରହିଛି। ଯେମିତିକି: କାକ୍ଟସ୍ ଗାର୍ଡେନ, ମୋର୍‌ନି ହିଲ୍ସ, ରାମଗଡ଼ ଦୁର୍ଗ, ନାଡ଼ା ସାହିବ ଇତ୍ୟାଦି ଅନ୍ୟତମ।








# କଥା ସ୍ୱସ୍ତିକର


**ହିନ୍ଦୁଧର୍ମରେ ସ୍ୱସ୍ତିକର ବହୁତ ମହତ୍ୱ ରହିଛି। କୌଣସି ଶୁଭ କାର୍ଯ୍ୟ କରିବା ପୂର୍ବରୁ ସ୍ୱସ୍ତିକ ଚିହ୍ନ କରି ପୂଜା କରାଯାଏ। ବିଶ୍ୱାସ କରାଯାଏ ଏଭଳି କଲେ କାର୍ଯ୍ୟ ସଫଳ ହୁଏ। ସ୍ୱସ୍ତିକ ଚିହ୍ନକୁ ମଙ୍ଗଳକାରୀ ବୋଲି ବିଶ୍ୱାସ କରାଯାଏ...**



ସ୍ୱସ୍ତିକ ଶବ୍ଦ 'ସୁ', 'ଅସ୍ତି' ଓ 'କ' ଶବ୍ଦର ମିଶ୍ରଣରେ ତିଆରି। 'ସୁ' ର ଅର୍ଥ ଶୁଭ, 'ଅସ୍ତି'ର ଅର୍ଥ ହେବା ଓ 'କ'ର ଅର୍ଥ କର୍ତ୍ତା ବା କରୁଥିବା ବ୍ୟକ୍ତି। ତେଣୁ ସ୍ୱସ୍ତିକର ମୌଳିକ ଅର୍ଥ ହେଉଛି ଶୁଭଙ୍କର ହେବା। ସ୍ୱସ୍ତିକ ପୁଣି ଦୁଇ ପ୍ରକାରର। ଗୋଟିଏରେ ରେଖାଗୁଡିକ ସାମ୍ନା ଭାଗକୁ ଇଙ୍ଗିତ କରି ଡାହାଣ ଆଡକୁ ମୋଡି ହୋଇଥାଏ, ଯାହାକୁ ଶୁଭଙ୍କରୀ ସ୍ୱସ୍ତିକ କୁହାଯାଏ। ଏହା ପ୍ରଗତିର ସଙ୍କେତ ଦିଏ। ଦ୍ୱିତୀୟ ପ୍ରକାରର ସ୍ୱସ୍ତିକରେ ରେଖାଗୁଡିକ ପଛଆଡକୁ ସଙ୍କେତ ଦେଇ ଆମର ବାମ ପଟକୁ ମୋଡି ହୋଇଥାଏ। ଏହା ବାମାବର୍ତ୍ତ ସ୍ୱସ୍ତିକ ଭାବେ ପରିଚିତ। ଭାରତୀୟ ସଂସ୍କୃତିରେ ଏହାକୁ ଅଶୁଭ ଭାବେ ଗଣନା କରାଯାଏ। ଜର୍ମାନୀର କ୍ରୁର ଶାସକ ହିଟଲର କିନ୍ତୁ ନିଜ ଧ୍ୱଜରେ ଏହି ବାମାବର୍ତ୍ତ ସ୍ୱସ୍ତିକ ଚିହ୍ନ ବ୍ୟବହାର କରିଥିଲେ। ସ୍ୱସ୍ତିକର ଅର୍ଥ କଲ୍ୟାଣ ବା ମଙ୍ଗଳ। ଏହା ଏକ ବିଶେଷ ପ୍ରକାରର ଚିହ୍ନ ଅଟେ, ଯାହାକୁ କୌଣସି କାର୍ଯ୍ୟ କରିବା ପୂର୍ବରୁ କରାଯାଏ। ବିଶ୍ୱାସ କରାଯାଏ ଏହି ଚିହ୍ନ ସବୁଦିଗରୁ ଶୁଭ ଓ ମଙ୍ଗଳ କାରକକୁ ନିଜ ଆଡକୁ ଆକର୍ଷିତ କରିଥାଏ। କାର୍ଯ୍ୟ ଆରମ୍ଭରୁ ଏହାକୁ ପୂଜା କରାଯାଉଥିବାରୁ ଏହାକୁ ଭଗବାନ ଗଣେଶଙ୍କ ସ୍ୱରୂପ ଭାବେ ବି ଗ୍ରହଣ କରାଯାଏ। ବିଶ୍ୱାସ କରାଯାଏ ଏହାର ଅଙ୍କନ କଲେ ବ୍ୟକ୍ତିଙ୍କୁ ସମ୍ପନ୍ନତା, ସମୃଦ୍ଧି ଓ ଏକାଗ୍ରତା ପ୍ରାପ୍ତି ହୁଏ। କେବଳ ସେତିକି ନୁହେଁ କୌଣସି ପୂଜାରେ ଯଦି ଏହାର ପ୍ରୟୋଗ ନ ହୁଏ ସେହି ପୂଜାର ପ୍ରଭାବ ଲମ୍ବା ସମୟ ପର୍ଯ୍ୟନ୍ତ ରହିପାରେନା ବୋଲି ବିଶ୍ୱାସ



ରହିଛି। ସିଦ୍ଧାନ୍ତ ସାର ଗ୍ରନ୍ଥରେ ଏହାକୁ ବ୍ରହ୍ମାଣ୍ଡର ପ୍ରତିକ ଭାବେ ମଧ୍ୟ ଗ୍ରହଣ କରାଯାଇଛି। ସ୍ୱସ୍ତିକର ମଧ୍ୟଭାଗକୁ ବିଷ୍ଣୁଙ୍କ କମଳ ନାଭି ଓ ରେଖାଗୁଡିକୁ ବ୍ରହ୍ମାଙ୍କ ଚାରି ମୁଖ, ଚାରି ହାତ ଓ ଚାରି ବେଦରୂପେ ବିବେଚନା କରାଯାଇଛି। ସ୍ୱସ୍ତିକକୁ ଠିକ୍‌ଭାବରେ ଅଙ୍କନ କରିଥିଲେ ସକାରାତ୍ମକ ଉର୍ଜା ମିଳିଥାଏ। ଏହି ଉର୍ଜା ବସ୍ତୁ କିମ୍ବା ବ୍ୟକ୍ତିଙ୍କ ସୁରକ୍ଷାରେ ସହାୟକ ହୁଏ। ସ୍ୱସ୍ତିକର ଉର୍ଜା ଘର, ଅଫିସ୍ କିମ୍ବା ଦୈନନ୍ଦୀନ ଜୀବନରେ ପ୍ରୟୋଗ କଲେ ବ୍ୟକ୍ତି ରୋଗ ମୁକ୍ତ, ଚିନ୍ତାମୁକ୍ତ ରହିବେ ବୋଲି ବିଶ୍ୱାସ ରହିଛି। ସ୍ୱସ୍ତିକର ରେଖା କୋଣ ଠିକ ଭାବେ କରିବା ଜରୁରୀ। ଭୁଲରେ ବି ଓଲଟା ସ୍ୱସ୍ତିକ କରିବେ ନାହିଁ। ଲାଲ ଓ ହଳଦିଆ ରଙ୍ଗର ସ୍ୱସ୍ତିକ ସବୁଠାରୁ ଭଲ। ଯେଉଁଠି ବାସ୍ତୁଦୋଷ ଥାଏ ସେହି ଘରର ମୁଖ୍ୟଦ୍ୱାରରେ ଲାଲରଙ୍ଗର ସ୍ୱସ୍ତିକ କରିବା ଭଲ। ପୂଜା ସ୍ଥାନ, ପଢା ସ୍ଥାନ ଓ ବାହନରେ ସ୍ୱସ୍ତିକ ଚିହ୍ନ କଲେ ଲାଭ ମିଳେ। ଏହି ମାଙ୍ଗଳିକ ଚିହ୍ନ ଅନାଦି କାଳରୁ ସମ୍ପୂର୍ଣ୍ଣ ସୃଷ୍ଟିରେ ବ୍ୟାପ୍ତ ରହିଛି।



# ଅଷ୍ଟ୍ରିଚ ତକିଆ

ବସ୍‌ଷ୍ଟପ୍ ହେଉକି ଏୟାରପୋର୍ଟ ବା ଅଫିସ୍ । ଯଦି ଆପଣ ବୋର୍ ହେଉଛନ୍ତି ଓ ଜୋର୍‌ରେ ନିଦ ଲାଗୁଛି ତେବେ କ'ଣ କରିବେ। କେବଳ ହାଇ ମାରିବା ଛଡା ଅନ୍ୟ କିଛି ବାଟନ ଥାଏ। କାରଣ ଏଭଳି ସ୍ଥାନରେ କ'ଣ ଶୋଇ ହେବ ? ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଏବେ ଏମିତି ଏକ ତକିଆ ଆସିଛି, ଯାହା ଆପଣଙ୍କୁ ଯେକୌଣସି ସ୍ଥାନରେ ଯେକୌଣସି ସମୟରେ କିଛି ସମୟର ସୁଖନିଦ୍ରା ଦେବାରେ ସାହାଯ୍ୟ କରିବ। ଏହି ତକିଆର ନାମ ହେଉଛି 'ଅଷ୍ଟ୍ରିଚ୍ ପିଲୋ'। ଏହି ତକିଆ ଏକ ଛୋଟ କିନ୍ତୁ ଆରାମଦାୟକ ଓ ବ୍ୟକ୍ତିଗତ ପରିବେଶ ସୃଷ୍ଟି କରେ ଯଦ୍ୱାରା କି ଭଲରେ କିଛି ସମୟ ଶୋଇ ହେବ। ଏହାକୁ ଟି– ସର୍ଟ ପରି ଭଳି ମୁଣ୍ଡ ପଟେ ଗଳାଯାଏ। ସାମ୍ନା ଭାଗରେ ମୁହଁ ସାମାନ୍ୟ ଦେଖାଯିବା ଲାଗି କଣା ଥାଏ। ତକିଆର ଉପରଭାଗକୁ ଦୁଇ କାନର ଉପରକୁ ଦୁଇଟି କଣା ଥାଏ,ଯାହା ଭିତରେ ଦୁଇ ହାତ ପୁରାଇ ହେବ। ତକିଆଟିକୁ ମୁଣ୍ଡପଟେ ଗଳାଇ ଦୁଇ ହାତକୁ କାନ ଉପର କଣାରେ ପୁରାଇ ଯେକୌଣସି ଟେବୁଲ ଉପରେ ମୁଣ୍ଡ ରଖି ଆରାମରେ ଶୋଇ ହେବ। ଚେୟାର, ବେଞ୍ଚରେ ବସିଥିବାବେଳେ ବି ଏହାକୁ ପିନ୍ଧି ଆଖପାଖ ପରିବେଶଠାରୁ ନିଜକୁ କିଛି ସମୟ ପାଇଁ ଅଲଗା କରି ଶୋଇ ପାରିବେ।



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଯାହାବି କରୁଛି କର...

ସାହୁଭାଇ ଟାଇଁ ଟାଇଁ ଖରାରେ ଜମିବାଡ଼ି ମାମଲାରେ ତହସିଲ ଅଫିସରୁ ଚାରି କିଲୋମିଟର ଚାଲିଚାଲି ଘରେ ପହଞ୍ଚିଲେ । ଶାନ୍ତି ଭାଉଜ ତାଙ୍କ ପତିଙ୍କ ହାଁ ଭୋକ -ହାଁ ଶୋଷ ଲାଗୁଥିବା -ହାଲିଆ ଦିଶୁଥିବା ଜାଣି, ବେଲାଏ ବାସିପଖାଳରେ ଦି'ପୋଷ ବସାଦହି ପକେଇ-ଲୁଣ ଗୋଳେଇ, ତା' ସାଙ୍ଗକୁ ଆଳୁ ବାଇଗଣ ସନ୍ତୁଳା, ଛୁଇଁ ବେସର ଭଜା, ବାଢ଼ିକି ଥୋଇଦେଲେ। ସାହୁଭାଇ ସେତକ ଖାଇ ସଉପ ଖଣ୍ଡେ ପକେଇ ଶୋଇଗଲେ। ଗାଢ଼ା ନିଦରେ ଶୋଇ କ'ଣ କ'ଣ ସପନ ଦେଖି ଚିଲେଇଲେ.. ହଁ ହଁ ମୁଁ.. ମୁଁ ସେଇ ଲୋକ । ଦିଅ ଦିଅ.. ମତେ ଦିଅ ! ଶାନ୍ତି ଭାଉଜ, ଭାଇଙ୍କ ପାଟି ଶୁଣି ଧାଇଁଆସି ହଲେଇ ପଚାରିଲେ --ହେ ହେ, କାହାକୁ କ'ଣ ବିଳି ବିଳେଇ ହେଇ ମାଗୁଛ ବା ? ଜମି ଖଣ୍ଡେ କିଣି ଆଠ ଆଠଥର ଧାଇଁ ଏତେଦିନ ହେଲା -ପଟ୍ଟା ଖଣ୍ଡକ ଆଣି ତ ପାରୁନା । ଆଉ ଦିନଟାରେ ସପନରେ କୋଉ ହକ ମାଗୁଛ.. ଶୁଣେ! ସାହୁଭାଇ ଆଖି ଖୋଲି ଉଠି ଭାଉଜଙ୍କୁ ପାଟିକରି କହିଲେ... ହା ତୁ କ'ଣ କଲୁ ଲୋ ! ଅସଲ ବେଳାରେ ମୋ ପାଇବା ଦରବକୁ ମୋଠୁ ହାତଛଡ଼ା କରେଇଦେଲୁ ! ଆଉ ଟିକେ ଅଟକି ନ ଯାଇ ମତେ ପଛରୁ ଡାକିଦେଲୁ କିଆଁ ଲୋ ? --ମଲାମର, ମୁଁ କ'ଣ ତମ କାଢ଼ପଣ ଜାଣିନି ? ତମେ ପରା ମଲା କଙ୍କଡ଼ାକୁ ସରି ନୁହଁ। କୋଉ ଭଗବାନ ତମ କୋଉ ଗୁଣ ଦେଖି, ତମ ଚାଳ କଣାକରି କ'ଣ ଆକାଶରୁ ଗଳଉଥିଲେ.. କହିଲ କହିଲ ! --ଏଁ..,, ତୁ ଶୁଣିବୁ ? ଛି, ଜାଣିଚୁ, ତୋ ପାଇଁ ମୋର କେତେ ଲସ୍ ହେଲା ? ମୁଁ ଏଇନା ଆମେରିକାରେ ଥିଲି। ତାଙ୍କ ରାଷ୍ଟ୍ରପତିଙ୍କ ହାତରୁ ଡାଇରେକ୍ଟ ଶାନ୍ତି ପାଇଁ ନୋବେଲ ପୁରସ୍କାର ସାଙ୍ଗେ କୋଟିଏ ଡଲାର ଧରିବାକୁ ଧାଉଁ ଧାଉଁ.. ସବୁ ତୁ ବିଗାଡ଼ିଦେଲୁ ! --ହଇଓ ! ଏଡ଼େ ବାହାପିଆ ମଣିଷ ତେମେ ? କୋଉ କାମ ତମର ଦେଖି ଏଡ଼େବଡ଼ ପୁରସ୍କାର ଦଉଥିଲେ, କହିଲ.. ମୁଁ ଶୁଣେ ! --ସତ କହୁଛିଲୋ ଶାନ୍ତି! ମୋ କଥା-କାର୍ଯ୍ୟଦକ୍ଷତାରେ ସନ୍ତୁଷ୍ଟ ହୋଇ ସେଇ ଶାନ୍ତିର ନୋବେଲ ପ୍ରାଇଜ୍ ମୋ ନାଁରେ ଘୋଷଣା ସରିଥିଲା । ଖାଲି ଆଣିବାକୁ ବାକିଥିଲା । ଧେତ୍ ତୁ ମାଇପି ଲୋକ, କାହୁଁ ବୁଝିବୁ.. ଆଜିକାଲି ସବୁଠି ଅଶାନ୍ତି! ସେବା ନାଁରେ ଶୋଷଣ.. ପ୍ରିୟା-ପ୍ରୀତି ତୋଷଣ.. ଟଙ୍କା ପଇସା ଶୋଷଣ ଚାଲିଛି ! ତେଣୁ ହବା କାମ ହେଉନି, ମାତ୍ର ନ ହେବା କାମ ହୋଇଯାଉଛି । ହିଂସା-ବାଦ, ଦୁର୍ନୀତିର ଦୁର୍ଗନ୍ଧ ଚାରିଆଡ଼େ ବ୍ୟାପିଯାଉଛି । ଏମିତିକି ଶିରା-ପ୍ରଶିରାରେ ରକ୍ତରେ ମିଶିଗଲାଣି । କେମିତି ଏହାର ମୂଳ ଓପଡ଼ାଯିବ, ଏଇକଥା ଭାବି ତହସିଲରୁ ନିରାଶ ହୋଇ ଅଣନିଃଶ୍ୱାସରେ ଘରକୁ ଆସୁ ଆସୁ ବାଟରେ ଗୋଟେ ବିରାଟ ମଞ୍ଚରୁ ମାଇକିର ଗର୍ଜନ ଶୁଣି ଧାଇଁଗଲି। ମତେ ଦେଖୁ ଦେଖୁ ସେମାନେ କ'ଣ ଭାବିଲେ କେଜାଣି, ଫୁଲତୋଡ଼ା ଦେଇ, ପାଛୋଟି ନେଇ, ମୋ ହାତକୁ ମାଇକ୍ରୋଫୋନ ଧରେଇଦେଲେ । ତାଙ୍କ ମୁଖିଆ କହିଲେ.. ଏ ସମାଜ ସୁଧାରିବା ପାଇଁ -ଦୁର୍ନୀତିମୁକ୍ତ ଉଦ୍ଦେଶ୍ୟରେ ଆପଣଙ୍କ ସୁଚିନ୍ତିତ ମତାମତ କ'ଣ କୁହନ୍ତୁ! ମୁଁ ଚାରିଆଡ଼କୁ ଚାହିଁଲି । ଶାନ୍ତି ଲୋ ! କେଇଯେ ମାଇପି-ମରଦ, କେଡ଼େକେଡ଼େ ବାବୁ-ବାବୁଆଣୀ, ମୋ କଥା ଶୁଣିବାକୁ କାନ ଡେରି ଅନେଇଥାନ୍ତି! ଯେମିତି ମୁଁ ସେଇ ଯନ୍ତ୍ରକୁ ଧରିଛି, ମୋ ଭିତରେ ତ୍ରିଶକ୍ତିର ସଞ୍ଚାର ହୋଇଗଲା । ତୁ ଯେମିତି ଘରେ ଗର୍ଜନକରି ତୋ ଗିରସ୍ତକୁ କହୁ, ନେତୃଗଣ ନିର୍ବାଚନ ମଇଦାନରେ ଯେଭଳି ନନ୍-ଷ୍ଟପ୍ ଭାଷଣ ଦିଅନ୍ତି -ତା' ସାଥିରେ ମୋ ଆତ୍ମଶକ୍ତିକୁ ମିଶେଇଲାବେଳେ ମତେ ଲାଗିଲା, ସତେ ଯେମିତି ଦୁର୍ଗା-କାଳୀ-ସରସ୍ୱତୀ.. ମୋ ଭିତରେ ଏକାବେଳେ ପ୍ରବେଶ କରିଗଲେ । ତହୁଁ ଛାତିକି ଫୁଲେଇ, ଗଳାକୁ ବସେଇ କହିଲି.. ବନ୍ଧୁଗଣ ! ଆମେ ସବୁ ଭାଇ-ଭଉଣୀ, ମଉସା-ମାଉସୀ, ଉତ୍କଳବାସୀ.. ଭାରି ସାହସୀ ! ଆମେ ଯାହାବି କରିବା.. ସବୁକିଛି ଶାନ୍ତିପୂର୍ଣ୍ଣଭାବରେ କରିବା! ଶାନ୍ତି ବଳରେ ଆମେ ଦୁର୍ନୀତିର ଚେର ମୂଳ ଓପାଡ଼ି ଫୋପାଡ଼ି ପାରିବା । ଏଥିପାଇଁ ହରତାଳ -ଗଣ୍ଡଗୋଳ ହେଉ କି ବାଡ଼ିଆବାଡ଼ି -ମୁଣ୍ଡ ଫଟାଫଟି



ହେଉ, ମୋ କହିବା କଥାହେଲା.. ସବୁ ଶାନ୍ତିପୂର୍ଣ୍ଣ ଭାବରେ ହେଉ ! ଦରକାର ପଡ଼ିଲେ ଦାବି ପୂରଣ ଦିଗରେ ଏକଜୁଟ ହୋଇ ନିଜ-ନିଜ ଭିତରେ ଲଢ଼ାଲଢ଼ି -ଗଡ଼ା ଗଡ଼ି, ଖଣ୍ଡିଆଖାବରା ବରଂ ହେଉ.. ଦୁଃଖ ନାହିଁ, ହେଲେ ସବୁ କିଛି ଶାନ୍ତିପୂର୍ଣ୍ଣଭାବରେ ହେଉ ! ବ୍ୟାରିକେଡ୍ ଭାଙ୍ଗି ଆସେମ୍ବିଲି ହଲ୍ ଭିତରେ ସାହସ ସହକାରେ ଧସେଇ ପଶିବାକୁ ଗଲାବେଳେ ପୁଲିସି ଭାଇମାନଙ୍କ ଠେଙ୍ଗାର ଲଂଘା ମାଡ଼ରେ ଦେହରୁ ଝରଝର ରକତ ଝରୁ କି ନାରୀମାନଙ୍କ କେଶକୁ, ଧୁସା.. ଦ୍ରୌପଦୀଙ୍କୁ ଧରି.. ଘୋଷାରି ଘୋଷାରି କିଏ ନେଲାବେଳେ, ମଉକା ପାଇ ପିନ୍ଧା-ଶାଢ଼ି ଭିଡ଼ିନିଅନ୍ତୁ, ମାତ୍ର ସବୁ ଶାନ୍ତିପୂର୍ଣ୍ଣ ଭାବରେ ସମ୍ପାଦିତ ହେଉ । ନାନୀମାନେ ନାରୀ-ସଶକ୍ତୀକରଣ ଯୋଜନାକୁ ସଫଳ କରିବାକୁ ଗଲାବେଳେ ମିଳିଥିବା ଟଙ୍କା ପଇସା ହିସାବ ଭାଗବଣ୍ଟାବେଳେ ନ ତୁଟିଲେ, ଟଣା ଘୋଷରା ହୋଇ ରାସ୍ତାରେ ଗଡ଼ି ଧୂଳି ଧୂସରିତ ହୁଅନ୍ତୁ.. ମନା ନାହିଁ, ମାତ୍ର ତାହା ଶାନ୍ତିପୂର୍ଣ୍ଣଭାବେ ହେଉ । ରାଜ୍ୟ କି ରାଷ୍ଟ୍ର ସୀମା ବିବାଦ ବା ଦେଶ-ଦେଶ ଭିତରେ ଯୁଦ୍ଧବେଳେ ଠେଲାପେଲା ଚାଲୁ ନଚେତ୍ ଗୋଳା ବାରୁଦ, ବନ୍ଧୁକ, ତୋପ, କମାଣ ଫୁଟୁ କିମ୍ବା ବମ୍ ବର୍ଷଣ ହେଉ, ମାତ୍ର ମୋ କହିବା କଥା.. ସବୁ ଶାନ୍ତିପୂର୍ଣ୍ଣ ଭାବରେ ହେଉ । ଆତଙ୍କବାଦିଆ ହୁଅନ୍ତୁ କି ସନ୍ତ୍ରାସବାଦିଆ, ମାଫିଆ ହୁଅନ୍ତୁ କି ମାଓବାଦିଆ.. ସେମାନେ ମାରନ୍ତୁ ମନା ନାହିଁ, କିନ୍ତୁ ତାହା ଶାନ୍ତିପୂର୍ଣ୍ଣ ଭାବେ କରନ୍ତୁ ! ବନ୍ଧୁଗଣ ! ମୋ କହିବାକଥା ହେଲା -ଯଦି ଘରେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଝଗଡ଼ାବେଳେ ବାଡ଼ାବାଡ଼ି -କାନ ରଗଡ଼ା ରଗଡ଼ି ଅବା ବେଲେଣା କାଠି, ପନିକି, କୋରଣାରେ ଯୁଦ୍ଧ କରୁଛନ୍ତି କିମ୍ବା ସାହି- ପଡ଼ୋଶୀ କଳିକରି ଟେକା ପଥରରେ ମରାମରି ହେଉଛନ୍ତି, ହେଉ, ମାତ୍ର ସବୁ ଶାନ୍ତିପୂର୍ଣ୍ଣଭାବରେ ହେଉ । ଇଲେକ୍ଟ୍ରିକ ବିଲ୍ ମାଗୁଥିବା, ଫରେଷ୍ଟ ଜଗୁଥିବା, ସ୍ୱାସ୍ଥ୍ୟସେବା ଯୋଗାଉଥିବା କର୍ମଚାରୀ ହୁଅନ୍ତୁ କି ସରକାରୀ-ବେସରକାରୀ ଶିକ୍ଷକ-ଶିକ୍ଷୟିତ୍ରୀ ହୁଅନ୍ତୁ, ତାଙ୍କୁ ଆକ୍ରମଣକରି ମରିବା ଯାଏଁ କଥା ଯାଉ, ମାତ୍ର ଶାନ୍ତିପୂର୍ଣ୍ଣ ଭାବରେ ହେଉ । ବେନିୟମ ବାଲି ଉଠାଣ, ବୃକ୍ଷଛେଦନ, ପରିବେଶ ପ୍ରଦୂଷଣ ହେଉ, ନଇଲେ ପଶୁ-ହତ୍ୟା, ନାରୀ-ହତ୍ୟା, ଶିଶୁ-ହତ୍ୟା କି ପେଟରୁ ଭ୍ରୁଣ-ହତ୍ୟା.. ସବୁ ଶାନ୍ତିପୂର୍ଣ୍ଣ ଭାବେ ହେଉ । ନିର୍ବାଚନ କ୍ଷେତ୍ର -ରଣକ୍ଷେତ୍ରରେ ପରିଣତହୋଇ କ୍ଷତାକ୍ତ -ମୃତାହତ ହୁଅନ୍ତୁ, ମାତ୍ର ସବୁ ଶାନ୍ତିରେ ହେଉ । ସାଧୁ-ସନ୍ଥଙ୍କୁ ନିର୍ଯ୍ୟାତନା, ନିର୍ଦ୍ଦୋଷ ସ୍ୱାମୀ /ସ୍ତ୍ରୀଙ୍କୁ ଜେଲଖାନା, ପିତାମାତାଙ୍କୁ ଜରା ନିବାସ ପ୍ରେରଣ, ପାପ-ପ୍ରୀତିରେ ଗର୍ଭଧାରଣ, ଅଲୋଡ଼ା ସନ୍ତାନକୁ ଛଡ଼ାଯାଉ ଅନାଥ ଆଶ୍ରମରେ, ନଇଲେ ଫୋପଡ଼ାଯାଉ ରାସ୍ତାକଡ଼ରେ କିମ୍ବା ଅସୁର-ନାଶିନୀ ମା' ଦୁର୍ଗାଙ୍କ ପୂଜା ନାଁରେ କି କେଉଁ ପୂଜା ପାର୍ବଣ ପାଇଁ ଜବରଦସ୍ତ ଚାନ୍ଦା ଆଦାୟ ବେଳେ ଗାଳିଗୁଲଜ -ମରାମରି ଯାଏଁ ଯାଉ, ମାତ୍ର ସବୁ ଶାନ୍ତିପୂର୍ଣ୍ଣ ଭାବରେ ହେଉ । କାରଣ ପ୍ରତ୍ୟେକଙ୍କର ସ୍ୱାଧୀନତା ଜନ୍ମଗତ ଅଧିକାର। ଆମର କି ଅଧିକାର ଅଛି ଯେ -ଅନ୍ୟର ସ୍ୱାଧୀନତାରେ ହସ୍ତକ୍ଷେପ କରିବା ? ତେଣୁ ମୋ କହିବାର ଅର୍ଥ.. ସମାଜରେ ଯିଏ ଯେତେ ବ୍ୟଭିଚାର, ଚୋରି, ଲୁଣ୍ଠନ, ନିଶାପାନ କରନ୍ତୁ.. ମନା ନାହିଁ । ମାତ୍ର ସବୁ ଶାନ୍ତିପୂର୍ଣ୍ଣ ଭାବରେ ହେବା ନିହାତି ଦରକାର । କାରଣ ଦୁନିଆରେ ସମସ୍ତେ ଶାନ୍ତି ଚାହୁଁଥିବାରୁ, ମୋ ଆଖିରୁ ଧାରଧାର ଲୁହ ବୋହୁଥିଲେ ବି ମୋ ଶାନ୍ତି ଘରୁ ବାହାରକୁ ବାହାରି ଶାନ୍ତିପ୍ରାପ୍ତି ଆନ୍ଦୋଳନରେ କେବେଠୁ ନିଜକୁ ସାମିଲ କରିସାରିଲାଣି । ମୋର ପୂରା ବିଶ୍ୱାସ.. ଯାହାବି ହେଉଛି ବା ହେବାକୁ ଯାଉଛି.. ସବୁ ଶାନ୍ତିପୂର୍ଣ୍ଣଭାବରେ ହିଁ ସଫଳ ହେଉଛି । ବାସ୍ ! ଏଇ ଶାନ୍ତିପୂର୍ଣ୍ଣ ସାରଗର୍ଭକ ମୋ ମତାମତ ସଭାରେ ସମସ୍ତଙ୍କ ମନକୁ ପାଇବାରୁ ସୋସିଆଲ ମିଡିଆ, ପ୍ରେସ୍ ମିଡିଆ, ଇଲେକ୍ଟ୍ରୋନିକ୍-ମିଡିଆ, ତୁଣ୍ଡ-ମିଡିଆ ମାଧ୍ୟମରେ କ୍ଷିପ୍ର ବେଗରେ ସାରା ଦୁନିଆରେ ପ୍ରଚାରିତ -ପ୍ରସାରିତ ହୋଇ ଯେମିତି ଆମେରିକା କାନରେ ବାଜିଗଲା, ସେଇଠୁ ଶାନ୍ତିର ବିଶ୍ୱ ବିଖ୍ୟାତ ନୋବେଲ ପୁରସ୍କାର ମୋ ନାମରେ ଘୋଷଣାକରି -ଡାକୁଥିଲେ ମୋ ନାଁ ଧରି । କିନ୍ତୁ ହାୟ ତମେ ନାରୀ ! ତମେ ସବୁଦେଲ ସାରି !!

*-ମଙ୍ଗରାଜପୁର, ପୁରୀ*


*ମୋ:୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ଆରବ ଡାଏରୀ

**ଡା.ଶୈଳେଶ୍ୱର ନନ୍ଦ , ସର୍ଜନା, ପାଣିଗ୍ରାହୀ ସାହି ଗୋସାଇଁ ନୂଆଗାଁ, ବ୍ରହ୍ମପୁର- ୩, ମୂଲ୍ୟ- ୧୨୦ଟଙ୍କା**


ପୁସ୍ତକଟି ଆରବ ଭ୍ରମଣ ଉପରେ ଲେଖାଯାଇଛି । ଏଥିରେ ୩୭ଟି ବିଷୟ ଉପରେ ଆଲୋଚନା କରାଯାଇଛି । ପୁସ୍ତକରେ କେବଳ ସାଉଦି ଆରବର ଇତିହାସ କିମ୍ବା ଭୂଗୋଳ କଥା କୁହାଯାଇନି ବରଂ ସେଠାକାର ସଂସ୍କୃତି, ସାମାଜିକ ଚଳଣି ଆଦି ଉପରେ ସଂକ୍ଷିପ୍ତ ସୂଚନା ଦିଆଯାଇଛି । ଆରବ ଏକ ରହସ୍ୟମୟ ଦେଶ । ମୁସ୍‌ଲିମ୍ ରାଷ୍ଟ୍ରର ଜୀବନଚର୍ଯ୍ୟା, ଧର୍ମୀୟ ବିଶ୍ୱାସ, ଚଳଣି, ସଂସ୍କୃତି ଓ ଲୋକ ଜୀବନର ଚମତ୍କାର ଅବତାରଣା ଏ ପୁସ୍ତକରେ କରାଯାଇଛି । ତା'ସହିତ ସାଉଦିର ସାମାଜିକ ଜୀବନ, ପାରିବାରିକ ଜୀବନ, ରକ୍ଷଣଶୀଳ ଧର୍ମ ବିଶ୍ୱାସ, ପ୍ରଶାସନିକ ଶୃଙ୍ଖଳା ଓ ବୈଦେଶିକ ସମ୍ପର୍କ ଇତ୍ୟାଦି ବିଷୟରେ ଏଥିରେ ଆଲୋକପାତ କରାଯାଇଛି । ଆଶା ଏ ଭ୍ରମଣ କାହାଣୀ ପୁସ୍ତକ ପାଠକଙ୍କୁ ନିଆରା ଅନୁଭୂତି ଦେବ ।




### ଅଡୁଆ ସୂତା

**କେଶବ ଚନ୍ଦ୍ର ରାଉତରାୟ, ପ୍ରକାଶକ- ଅଧ୍ୟାପକ ଦାମୋଦର ବେହେରା, ସାରସ୍ୱତ ସାହିତ୍ୟ ସାଂସ୍କୃତିକ ପରିଷଦ, ଦଶରଥପୁର, ଯାଜପୁର, ମୂଲ- ୨୨୦ଟଙ୍କା**


'ଅଡୁଆ ସୂତା' ଗାଳ୍ପିକ କେଶବ ଚନ୍ଦ୍ର ରାଉତରାୟଙ୍କ ଗଳ୍ପ ପୁସ୍ତକ । ଏଥିରେ ୩୦ଟି ଗପ ସ୍ଥାନୀତ ହୋଇଛି । ମୁଖା ପିନ୍ଧା ମଣିଷ ହେଉଛି ପ୍ରଥମ ଗପ । ଯେଉଁଥିରେ ମଦନପୁର ଗାଁର ତିନୋଟି ପରିବାର କଥା ବର୍ଣ୍ଣନା କରାଯାଇଛି । ଜଣେ ମଧୁ ମାଷ୍ଟ୍ରେ, ଜଣେ ରାଧାମୋହନ ଓ ଜିତୁ ଯେକି ଗାଁର ବେକାର ଯବୁକ । ସେହିପରି ଗୀତୁ ଅପା ଚରିତ୍ରକୁ ଏମିତି ଉପସ୍ଥାପିତ କରାଯାଇଛି ତାହା ନିଖୁଣ । ସେବାରେ ଯେଉଁ ଆନନ୍ଦ ଥାଏ ଅର୍ଥ ବିନିମୟ ସେବାରେ ସେଭଳି ଆନନ୍ଦ ନ ଥାଏ ବୋଲି ଏହି ଗଳ୍ପରେ ବର୍ଣ୍ଣନା କରାଯାଇଛି । ସେହିପରି ବୈକାଲ ଗଳ୍ପରେ ବୈକାଲ ବିଶ୍ୱାଳ ଚରିତ୍ରକୁ ସେ ସୁନ୍ଦର ଭାବେ ଚିତ୍ରଣ କରିଛନ୍ତି । ଗପଗୁଡିକ ପାଠକଙ୍କ ମନକୁ ଛୁଇଁବ ।




### ବିଶ୍ୱ ଭବିଷ୍ୟବାଣୀ

**ମାୟାଧର ନାୟକ , ପ୍ରକାଶକ- ଆରୋହୀ, କଲ୍ୟାଣୀ ନଗର, କଟକ-୧୩, ମୂଲ୍ୟ-୪୦୦ଟଙ୍କା**

'ବିଶ୍ୱ ଭବିଷ୍ୟବାଣୀ' ପୁସ୍ତକରେ ମାୟାଧର ନାୟକ ଯେଉଁ ଆଗତ ସୂଚନା ଦେଇଛନ୍ତି, ତାହା ମଣିଷ ସମାଜ ଲାଗି ସତର୍କବାଣୀ । ଏ ବିଶ୍ୱରେ ବିଜ୍ଞାନର ଅଗ୍ରଗତି ସମାଜ ବିକାଶ କ୍ଷେତ୍ରରେ ସହାୟକ ହୋଇଥିଲେ ବି ବିନାଶ କ୍ଷେତ୍ରରେ ପଶ୍ଚାତ୍ ଗତି ଆଡକୁ ଯାଉଛି । ଭୂମିକମ୍ପ, ଭୂସ୍ଖଳନ, ଯୁଦ୍ଧ, ଦଙ୍ଗା, ଜାତିଆଣ ହିଂସା, ବଳାତ୍କାର, ନିର୍ଯାତନା, ବୈଶାଖି ଝଡ ଆଦି ବିଭିନ୍ନ ଦୈବ ଦୁର୍ବିପାକ ଆଦି ଘଟିଚାଲିଛି । ଗ୍ରୀଷ୍ମ ପ୍ରବାହ ବୃଦ୍ଧି ଦ୍ୱାରା ବରଫ ତରଳୁଛି, ଜଙ୍ଗଲରେ ନିଆଁ ଲାଗି ଯାଉଛି । ମୌସୁମୀ ବାଟବଣା ହୋଇଗଲାଣି । ଗ୍ରୀଷ୍ମଋତୁ ବଢିଯାଉଛି । ବର୍ଷା ଋତୁ କମିଯାଉଛି । ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଅସମୟରେ ପ୍ରବଳ ଗରମ ଯୋଗୁ ଲୋକେ ବିଭିନ୍ନ ରୋଗର ଶୀକାର ହେଉଛନ୍ତି ।



# ଦର୍ପଣ ଶୁଣାଇବ ଗୀତ

ଆଜିକାର ହାଇଟେକ୍ ଯୁଗରେ ଛୋଟରୁ ବଡ଼ ସବୁ ଜିନିଷ ବେଶ ଉନ୍ନତ ଧରଣର ହୋଇଗଲାଣି। ଏମିତିକି ଦର୍ପଣ ବି ଆଉ ଖାଲି ଚେହେରା ଦେଖିବା ଲାଗି ଉଦ୍ଦିଷ୍ଟ ନୁହେଁ। ଏବେ ଏଥିରୁ ଗୀତ ବି ଶୁଣି ହେବ। କାରଣ ଟଚ୍‌ସ୍କ୍ରିନ ଏମ୍‌ପିଥ୍ରୀ ମିରର୍ ଆସିଗଲାଣି। ଷ୍ଟୋକୋ ମାଇଟ୍ରେ ନାମକ କମ୍ପାନୀ ଏହି ହାଇଟେକ୍ ମିରର୍ ଖାସ୍ ବାଥ୍‌ରୁମ ପାଇଁ ତିଆରି କରିଛି। ଏହା ଏକ ପତଳା ଟଚ୍‌ସ୍କ୍ରିନ୍



ମିରର୍। ଏହାର ଡାହାଣ ପଟର ତଳଭାଗରେ ଏମ୍‌ପିଥ୍ରୀ ପ୍ଲେୟର୍ ସହ ବାରୋମିଟର ଓ ରେଡିଓ ଅଛି। ଏଗୁଡିକୁ ଅପରେଟ୍ କରିବା ବେଶ୍ ସହଜ। ମିରର୍‌ରେ ଥିବା ସେନ୍ସର ପାଇଁ କେବଳ ଟଚ୍ କଲେ ଏଗୁଡିକ ଚାଲିଥାଏ। ତେଣୁ ଗାଧୋଇବା ସମୟରେ ଗୀତ ଶୁଣି ଶୁଣି ଏବଂ ଗୀତର ତାଳେ ତାଳେ ନାଚି ନାଚି ଗାଧୋଇପାରିବେ। ଏହି ହାଇଟେକ୍ ମିରର୍ ବାଥରୁମ୍‌ର ଲୁକ୍ ବଦଳାଇ ତାହାକୁ ଲକ୍ଜ୍ୟୁରୀୟସ୍ ଲୁକ୍ ବି ଦେବ।



# ମା' ଦୁର୍ଗାଙ୍କ ବଡ଼ ପ୍ରତିମୂର୍ତ୍ତି

ଭାରତର ବିଭିନ୍ନ ସ୍ଥାନରେ ଏବେ ଚାଲିଛି ମା' ଦୁର୍ଗାଙ୍କର ପୂଜା। ବେଶ୍ ଧୁମ୍‌ଧାମ୍‌ରେ ବଡ଼ ବଡ଼ ପ୍ରତିମୂର୍ତ୍ତି କରି ସୁନ୍ଦର ତୋରଣ ଓ ସାଜସଜ୍ଜାରେ ଝଲସୁଛି ଭାରତର ବିଭିନ୍ନ ସ୍ଥାନ। ତେବେ ଜାଣନ୍ତି କି ମା' ଦୁର୍ଗାଙ୍କର ସବୁଠାରୁ ବଡ଼ ପ୍ରତିମୂର୍ତ୍ତି ଭାରତରେ ନୁହେଁ ବରଂ ବିଦେଶ ମାଟି ତଥା ମରିସିଅସ୍‌ର ଗଙ୍ଗା ତଲାଓ ନଦୀ କୂଳରେ ଅଛି। ମରିସିଅସ୍‌ରେ ହିନ୍ଦୁଙ୍କ ସଂଖ୍ୟା ବହୁତ। ତେଣୁ ଏଠାରେ ଅନେକ ହିନ୍ଦୁ ମନ୍ଦିର ଅଛି। ତେବେ ୧୦୮ ଫୁଟ୍ ଉଚ୍ଚତା ବିଶିଷ୍ଟ ମା' ଦୁର୍ଗାଙ୍କର ଏହି ପ୍ରତିମୂର୍ତ୍ତି ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି। କାରଣ ଏହା ହେଉଛି ପୃଥିବୀର ସବୁଠାରୁ ଉଚ୍ଚତମ ଦୁର୍ଗା ମୂର୍ତ୍ତି।ଏହାକୁ ମରିସିଅସ୍‌ରେ ରହୁଥିବା ହିନ୍ଦୁମାନେ ମିଶି ତିଆରି କରିଛନ୍ତି। ଏଥିରେ ୪୦୦ ଟନ୍ ଲୁହା, ୨୦୦୦ କୁବିକ୍ ମିଟରର କଂକ୍ରିଟ୍ ବ୍ୟବହାର କରାଯାଇଛି। ମା'ଙ୍କର ଏହି ମୂର୍ତ୍ତି ବେଶ୍ ସୁନ୍ଦର ଓ ଭବ୍ୟ। ବହୁ ଦୂର ପର୍ଯ୍ୟନ୍ତ ଏହା ଦୃଶ୍ୟମାନ ହୁଏ।



# ଡାକ୍ତର ପରିବାର



୧୯୧୯ରୁ ଆଜି ପର୍ଯ୍ୟନ୍ତ ଦିଲ୍ଲୀର ସଭରୱାଲ ପରିବାରର ୫ ପିଢି ଡାକ୍ତରୀକୁ ନିଜର ପେସା କରି ଆସିଛନ୍ତି। ଫଳରେ ଏବେ ଏହି ପରିବାରରେ ୧୪୦ରୁ ଊର୍ଦ୍ଧ୍ୱ ସଦସ୍ୟ ଡାକ୍ତରୀ ପେସାରେ ଅଛନ୍ତି। ୧୯୧୯ରେ ଲାଲା ଜୀବନମାଲ ସଭରୱାଲ ଯେକି ଲାହୋରରେ ଷ୍ଟେସନ ମାଷ୍ଟର ଥିଲେ ସେ ଗାନ୍ଧିଜୀଙ୍କ ବାଣୀରେ ବେଶ୍ ପ୍ରଭାବିତ ହୋଇଥିଲେ। ଗାନ୍ଧିଜୀ କହିଥିଲେ ଦେଶର ଉନ୍ନତି ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ ନିହାତି ଜରୁରୀ। ସେଥିପାଇଁ ସେ ଏକ ଡାକ୍ତରଖାନା ଖୋଲିବାକୁ ଚିନ୍ତା କଲେ। ଆଉ ସେ ପାକିସ୍ତାନର ଜଲାଲପୁରରେ ଏକ ହସ୍ପିଟାଲ କଲେ ମଧ୍ୟ। ତା'ସହ ନିଜର ଚାରି ପୁଅକୁ ଡାକ୍ତର କରିବାକୁ ନିଷ୍ପତି ନେଲେ। ସ୍ୱାଧୀନତା ପରେ ସେ ଦିଲ୍ଲୀ ଚାଲି ଆସିଲେ। ଦିଲ୍ଲୀରେ ବି ଏକ ଡାକ୍ତରଖାନା କଲେ, ଯାହାର ନାମ ଦେଲେ 'ଜିୱନମଲ ହସ୍ପିଟାଲ'। ଏହାପରେ ପରିବାରର ପ୍ରଥମ ଡାକ୍ତର ତାଙ୍କ ବଡ଼ ପୁଅ ବୋଧରାଜ ହେଲେ। ଆଉ ପରପିଢିର ସମସ୍ତେ ସମସ୍ତେ ଡାକ୍ତରୀ ପାଠ ପଢିବେ ତା'ର ଦାୟିତ୍ୱ ବୋଧରାଜ ନେଲେ। ଘରର ପୁଅଙ୍କ ପାଇଁ ଡାକ୍ତରୀ କନିଆ ବି ଖୋଜା ଗଲା। ଏମିତିରେ ପରିବାରର ସମସ୍ତେ ହେଲେ ଡାକ୍ତର। ଏବେ ବି ଏହି ଧାରା ବଳବତ୍ତର ଅଛି। ତେବେ ଏହି ଧାରାକୁ ଜାରି ରଖିବା ଏତେ ସହଜ ନ ଥିଲା। କାରଣ ଘରର ଜଣେ ପୁଅ ତ ମାନେଜମେଣ୍ଟ ଡିଗ୍ରି କରିବା ଆରମ୍ଭ କରିଥିଲେ। ହେଲେ ଜେଜେମା'ଙ୍କ ଚାପ ଓ ପରିବାରର ସମସ୍ତଙ୍କ ଭାବାତ୍ମକ ନିବେଦନ ତାଙ୍କୁ ମାନେଜମେଣ୍ଟ ପଢା ଛାଡି ଡାକ୍ତରୀ ପଢିବାକୁ ବାଧ୍ୟ କଲା। ଯେକି ଏବେ ଜଣେ ବଡ଼ ସର୍ଜନ ଅଛନ୍ତି। ଏହି ପରିବାର ଦ୍ୱାରା ପରିଚାଳିତ ହସ୍ପିଟାଲରେ ଟଙ୍କା ଅଭାବରୁ କାହାରି ଚିକିତ୍ସା ବନ୍ଦ କରାଯାଏ ନାହିଁ। ଉକ୍ତ ଡାକ୍ତର ପରିବାରେ ଶାଶୁ ବୋହୂର କଳହ ଦେଖିବାକୁ ମିଳେନା। ବରଂ ଶାଶୁ ବୋହୂ ନିଜ ନିଜ ରୋଗୀ ସମ୍ପର୍କରେ କଥା ହୁଅନ୍ତି। ଡାଇନିଂ ଟେବୁଲରେ ବି ପଡ଼େ ହସ୍ପିଟାଲ କଥା। ପରିବାରର ସମସ୍ତେ ରୋଗୀ ସେବା ଏତେ ନିଷ୍ଠାର ସହ କରନ୍ତି ଯେ, କରୋନାରେ ଦୁଇଜଣଙ୍କର ମୃତ୍ୟୁ ବି ହୋଇଛି।